

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ବାମରାରେ ଉତ୍କଳ ପ୍ରାଦେଶିକ ମାରୱାଡି ଶାଖା ଗଠିତ

ବାମରା,୯।୯(ସ୍ୱ.ପ୍ର.) -ସମ୍ବଲପୁର ଜିଲା ବାମରାଠାରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏକ ଶାଖା ଗଠିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଏ ସମ୍ପର୍କିତ କାର୍ଯ୍ୟକ୍ରମରେ ଉତ୍କଳ ପ୍ରାଦଶିକ ମାରୱାଡି ସମ୍ମେଳନର ଉପାଧକ୍ଷ ଦିନେଶ ଅଗ୍ରୱାଲ, କୋଷାଧକ୍ଷ ସଜନ କୁମାର ଭୁତ, ସମ୍ବଲପୁର ଜୋନ ପ୍ରମୁଖ ମଙ୍ଗତୁରାମ ଅଗ୍ରୱାଲ, ହଜାରୀ ଲାଲ ଓଝା, କୁଚିଣ୍ଡା ଶାଖା ଅଧକ୍ଷ ବ୍ରଜମୋହନ ଅଗ୍ରୱାଲ ଅତିଥି ଭାବେ ଉପସ୍ଥିତ ରହି ମାରୱାଡି ସମ୍ମେଳନର ଆବଶ୍ୟକତା ଓ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନୁଭବ ଲାଠ ଶାଖା ଅଧକ୍ଷ, ବିଷ୍ଣୁ ଅଗ୍ରୱାଲ ସମ୍ପାଦକ, ଦୀପକ ଖଣ୍ଡେଲୱାଲ ଉପାଧକ୍ଷ, ବିନୟ ଅଗ୍ରୱାଲ ସହସମ୍ପାଦକ, ଗୋପାଲ ଅଗ୍ରୱାଲ କୋଷାଧକ୍ଷ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ରବି ବିନ୍ଦଲ, ପବନ ଅଗ୍ରୱାଲ ଓ ସୁଶୀଲଅଗ୍ରୱାଲ ସହଯୋଗ କରିଥିଲେ।

### ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ବାମରା,୯।୯(ସ୍ୱ.ପ୍ର.)- ପେଟ୍ରୋଲ, ଡିଜେଲର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ରବିବାର ବାମରାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଗତ ୪ବର୍ଷ ମଧରେ ମୋଟ ୧୨ଥର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲା ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁରଙ୍କ ନେତୃତ୍ୱରେ ସ୍ଥାନୀୟ ଇଣ୍ଡିଆନ ଅଏଲ ପେଟ୍ରୋଲ ଟାଙ୍କି ସମ୍ମୁଖରେ ବିକ୍ଷୋଭ ହୋଇଥିଲା। ଏଥିରେ ବ୍ଲକ ଉପାଧକ୍ଷ ଅକ୍ଷୟ ସାହୁ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାୟକ, ବ୍ଲକ ସଭାପତି ରାଜ କୁମାରଶୁକ୍ଲା, ସୁବାଷ ଶର୍ମା, ସୁରେଶ ବିସଞ୍ଜି, ରାମୁ ଚୌଧୁରୀ, ମାନଭ ନାଏକ, ଅରବିନ୍ଦସାହୁ, ରାମଲାଲ ଓଝା ପ୍ରମୁଖଙ୍କ ସହ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

### ହଷ୍ଟେଲ ଅଭାବରୁ ଘର ବାହୁଡ଼ିଲେ ୧୨ଛାତ୍ର, ଆଇଆଇଏମ୍‌ରେ ସମସ୍ୟା

ସମ୍ବଲପୁର,୯।୯(ବ୍ୟୁରୋ)- ସମ୍ବଲପୁର ଆଇଆଇଏମ ସ୍ଥାୟୀ ଜମି ପଛାକୁ ନେଇ ଜିଲା ବ୍ୟାପୀ ବିରୋଧ ଓ ଦାବି ହୋଇ ଆସୁଥିବା ବେଳେ ଶନିବାର ହଷ୍ଟେଲ ଅଭାବରୁ ୧୨ ଛାତ୍ର ଘରକୁ ଚାଲି ଯାଇଥିବା ଜଣାପଡ଼ିଛି। ଏହି ଖବର ପ୍ରଚାର ହେବାପରେ ଶିକ୍ଷାବିତ୍, ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ଥିବା ଆଇଆଇଏମ କର୍ତ୍ତୃପକ୍ଷ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଏକ ଇଞ୍ଜିନିୟରିଂ କଲେଜରେ ଅସ୍ଥାୟୀ ଭାବେ ଆଇଆଇଏମ ଆରମ୍ଭ ହୋଇଥିଲା। ଚଳିତବର୍ଷ ଏହା ସ୍ଥାନାନ୍ତରିତ ହୋଇ ବୁର୍ଲା ଜ୍ୟୋତି ବିହାର ନୂତନ ପ୍ରଶାସନିକ ଭବନଠାରେ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଜ୍ୟୋତି ବିହାର ପକ୍ଷରୁ ଦୁଇଟି ହଷ୍ଟେଲ ଯୋଗାଇ ଦେବାକୁ ଆଲୋଚନା ହୋଇଥିଲା। ତେବେ ଗୋଟିଏ ହଷ୍ଟେଲ ଏବଂ ଅଧା କୋଠରୀ ଦେବା ପାଇଁ ସକ୍ଷମ ହୋଇଥିଲେ। ।ତ୍ରୀଛାତ୍ରମାନଙ୍କ ମଧରେ ରବିବାର ଏହାକୁ ନେଇ ସମସ୍ୟା ଦେଖାଦେଇଥିଲା। ପରେ ସେମାନେ ଘରକୁ ଚାଲିଯିବାକୁ ମନ ବଳାଇଥିଲେ।



ରବିବାର ସମ୍ବଲପୁରରେ ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ସାଙ୍ଗଠନିକ ସମ୍ପାଦକ ସୁନ୍ଦରମଣି ବାରିକ ପ୍ରତିଯୋଗିତା ବିଷୟରେ ସୂଚନା ଦେଉଛନ୍ତି ।

### ୩୦ରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

# ୧୯ ଜିଲାର ୩ଶହ ପ୍ରତିଯୋଗୀ ଭାଗ ନେବେ

ସମ୍ବଲପୁର,୯।୯(ବ୍ୟୁରୋ)

ଅଷ୍ଟମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ୩୦ ତାରିଖ ସମ୍ବଲପୁର ସ୍ଥିତ ଡା. ଝସକେତନ ସାହୁ ସୁଇମିଂପୁଲଠାରେ ହେବ । ଏଥିରେ ୧୯ ଜିଲାର ୩ଶହ ପ୍ରତିଯୋଗୀ ଭାଗ ନେବେ। ଏହାକୁ ଦୃଷ୍ଟିରେ ରଖି ସୁଇମିଂ ପୁଲ ପ୍ରସ୍ତୁତ କରାଯାଇଛି। ୫ରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ୧୮ ଗ୍ରୁପ୍‌ରେ ଇଭେଣ୍ଟଗୁଡ଼ିକ ହେବ । ୫୦ ମିଟର ଫ୍ରି ଷ୍ଟାଇଲ, ବ୍ରେକ୍ ଷ୍ଟ୍ରୋକ୍, ବ୍ରେଷ୍ଟ ଷ୍ଟ୍ରୋକ୍, ବଟର ଫ୍ଲାଏ ଇଭେଣ୍ଟରେ ପ୍ରତିଯୋଗୀମାନେ ଭାଗ ନେଇପାରିବେ। ସନ୍ତରଣବିତଙ୍କ ନିମନ୍ତେ ଆୟୋଜକ ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସ୍ଥିର ହୋଇଛି। କୃତି ପ୍ରତିଯୋଗୀମାନଙ୍କୁ ମେଡାଲ ସହ ସାର୍ଟିଫିକେଟ ପ୍ରଦାନ କରାଯିବ। ରବିବାର କୁଲୁଥକାନିସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି।

ଖବରଦାତା ସମ୍ମିଳନୀରେ ସମ୍ପାଦକ ଜୟନ୍ତ କୁମାର ପାଣ୍ଡେ, ସାଙ୍ଗଠନିକ ସମ୍ପାଦକ ସୁନ୍ଦରମଣୀ ବାରିକ ଓ ଉପଦେଷ୍ଟା ପ୍ରେମରଞ୍ଜନ ପ୍ରଧାନ ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ। ସେହିପରି ଉପସଭାପତି ରାଜେଶ ମିଶ୍ର, ଯୁଗ୍ମ ସମ୍ପାଦକ ମନୋଜ ବନଛୋର, କୋଷାଧକ୍ଷ ଅନୀଲ କୁମାର ବେରିହା, କାର୍ଯ୍ୟକାରୀ କମିଟି ସଭ୍ୟ କିଶୋର ଲୁହା, ରଙ୍କନିଧି ସେଠ, ଅନନ୍ତ ବେରିହା, ଦିଲାବର୍ ହୁସେନ, ଗଙ୍ଗାଧର ଓରାମ, ଆର୍ତ୍ତତ୍ରାଣ ମାଝୀ, ବିଜୟ କୁମାର ଦିକ୍ଷୀତ ପ୍ରମୁଖ ଉପସ୍ଥିତ ରହିଥିଲେ।



ରବିବାର ସମ୍ବଲପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ।

### ଦୁବାଇରେ ନୂଆଁଖାଇ ଭେଟ୍‌ଘାଟ୍

# ସମ୍ବଲପୁରୀ ଲୋକନୃତ୍ୟ, ଗୀତରେ ଝୁମିବେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ

ସମ୍ବଲପୁର,୯।୯(ବ୍ୟୁରୋ)

ପଶ୍ଚିମ ଓଡିଶା ଗଣପର୍ବ ନୂଆଁଖାଇ ଚଳିତ ମାସ ୧୪ ତାରିଖ ଦୁବାଇସ୍ଥିତ ଇଣ୍ଡିଆନ୍ କନ୍‌ସଲ୍‌ଟାଣ୍ଟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଉତ୍ସବ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ଧନୁପାଲି ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦୁବାଇ ନୂଆଁଖାଇ ଭେଟଘାଟ ଉତ୍ସବରେ ସାମିଲ ହେବ। କଳାକାରମାନେ ଡାଲଖାଇ, ଢ଼ାବ, ବର୍ଜିନିଆଁ, ରଙ୍ଗବତୀ ଓ ନୂଆଁଖାଇ ନୃତୀ ଗୀତ ପରିବେଷଣ କରିବେ। ଏଣୁ ୧୨ ତାରିଖରେ ନଟରାଜ ଅନୁଷ୍ଠାନର ୧୩ ଜଣିଆ ପ୍ରତିନିଧି ଦଳ ଦୁବାଇ ଯାତ୍ରା କରିବେ। ରବିବାର ଅଇଁଠାପାଲି ସମ୍ବଲପୁର ପ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନଟରାଜ ସମ୍ପାଦକ ମହେଶ କୁମାର ପଟେଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସାଂସ୍କୃତିକ ଦଳରେ ସୋମନାଥ ଜାଲ, ଭୋଳାଶଙ୍କର ମହତମ, ଯୋଗେଶ ନାୟକ, ଉମେଶ କୁମାର ମାଝୀ, ରାଜକୁମାର ଜାଲ, ନରେନ୍ଦ୍ର ନାୟକ, ପ୍ରଶାନ୍ତ ବେସନ, ଅସିମ୍ ପ୍ରଧାନ, ପୁଷ୍ପାଞ୍ଜଳୀ ଦାଶ, ସୁସ୍ମିତା ରାୟ, ସୁଭଶ୍ରୀ ଉନ୍ନତି ପଣ୍ଡା ଓ ଚେତନାମୟୀ ବେହେରା ପ୍ରମୁଖ ସାମିଲ ଅଛନ୍ତି । ଖବରଦାତା ସମ୍ମିଳନୀରେ ସାଂସ୍କୃତିକ ଦଳ ସହ କାର୍ଯ୍ୟକାରୀ ସଭ୍ୟ ଅଶୋକ କୁମାର ପଟ୍ଟନାୟକ, ସଭାପତି ହେମନ୍ତ ପଣ୍ଡା ଦୁବାଇ ଯାତ୍ରା ବିଷୟରେ ସୂଚୀତ କରିଥିଲେ।

# ଗୋଲବଜାର ଛକରେ ପ୍ରତିବାଦ ସଭା

ସମ୍ବଲପୁର,୯।୯(ବ୍ୟୁରୋ)

ସମ୍ବଲପୁର ସହରର ଗୋଲବଜାର ଛକରେ ରବିବାର ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପଥପ୍ରାନ୍ତ ପ୍ରତିବାଦ ସଭା କରାଯାଇଛି। ରବିବାର ଧରିତ୍ରୀ ଛୁଟିଦିନରେ ପ୍ରକାଶିତ ଏକ ସ୍ୱତନ୍ତ୍ର ଖବରକୁ ନେଇ ଏହି ପ୍ରତିବାଦ ହୋଇଛି। ଅଭିଯୋଗ ଅନୁସାରେ ସମ୍ବଲପୁରୀ ଶାଢୀ ବଦଳରେ ଉକ୍ତ ଖବରରେ ସୋନପୁରୀ ଶାଢୀ ଲେଖାଯାଇଥିଲା। ସହରର ବିଭିନ୍ନ ଅନୁଷ୍ଠାନ ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ରବିବାର ସକାଳେ ଗୋଲବଜାର ଛକରେ ପ୍ରତିବାଦ ଜଣାଇବାକୁ ନିଷ୍ପତ୍ତି କରିଥିଲେ। ସେମାନଙ୍କ କହିବା ଅନୁସାରେ



ସମ୍ବଲପୁର ଗୋଲବଜାରରେ ରବିବାର ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାମାନେ ପ୍ରତିବାଦ ଜଣାଉଛନ୍ତି ।

ସମ୍ବଲପୁରୀ ଶାଢୀ ବିଶ୍ୱ ବିଦିତ ଅଟେ। ସମ୍ବଲପୁରୀ ଶାଢୀର ପ୍ରଚାର ପ୍ରସାର ହେଉଛି। ହେଲେ କେତେଜଣ ବ୍ୟକ୍ତିଙ୍କ ପ୍ରରୋଚନାରେ ଖବରକାଗଜରେ ଏହା ସୋନପୁରୀ ଶାଢୀ ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏଭଳି ତ୍ରୁଟି ପ୍ରତି ଧରିତ୍ରୀ କାଗଜ ଯତ୍ନବାନ ହେବାକୁ ଦାବି ହୋଇଛି। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସଭାପତି ନରେନ୍ଦ୍ର ପାଣିଗ୍ରାହୀ, ସରୋଜ କୁମାର ଦାଶ, ଓଡିଶା ସାଂସ୍କୃତିକ ସମାଜ ସମ୍ପାଦକ ବୋଧରାମ ଦାସ, ଡ. ହରିଶଙ୍କର ବଡ଼ପଣ୍ଡା, ଜ୍ୟୋତି ସଭାପତି ଡ. ପରେଶ ଚନ୍ଦ୍ର ଦାନୀ, ଲଳିତ ବେବର୍ତ୍ତା, ଚିତ୍ରଗୁପ୍ତ କଲ୍ୟାଣ ସଙ୍ଗଠନର କୈଳାସ ମିସ୍ତ୍ରୀ ପ୍ରମୁଖ ପ୍ରତିବାଦରେ ସାମିଲ ଥିଲେ।

# ଚକ୍ଷୁଦାନପକ୍ଷ ପାଳିତ : ଉତ୍ସର୍ଗକୁ ଜ୍ୟୋତିଶ୍ରୀ ସମ୍ମାନ

ସମ୍ବଲପୁର,୯।୯(ବ୍ୟୁରୋ)

ଜ୍ୟୋତି ପକ୍ଷରୁ ଚକ୍ଷୁଦାନ ପକ୍ଷ ଶନିବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଚକ୍ଷୁ ବିଶେଷଜ୍ଞ ଡା. କଲ୍ୟାଣୀ ପାତ୍ର ମୁଖ୍ୟ ବକ୍ତା, ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗକୁ ଜ୍ୟୋତିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ ପାଟ୍ଟଯୋଶୀ, ସୁଧୀର ପୂଜାରୀ, ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ ଦାଶ, ରୁଦ୍ରନାରାୟଣ ମିଶ୍ର, ପ୍ରଣବାନନ୍ଦ ଦାନୀ, ହରିଶଙ୍କର ମେହେର ସମ୍ମାନ ଗ୍ରହଣ କରିଥିଲେ। ସତ୍ୟନାରାୟଣ ଠାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଯୋଜିକା କଳ୍ପନା ମିଶ୍ର ପ୍ରାରମ୍ଭିକ ସୂଚନା, ରତ୍ନଭୂଷଣ ପୃଷ୍ଟେଠ ମାନପତ୍ର ପାଠ, ତାପସ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଦୂର୍ଗାଚରଣ ଦାନୀ, ଶିବ ଶଙ୍କର ଦାନୀ, ରତନ କୁମାର ବହିଦାର, ଶଙ୍କର ପଣ୍ଡା, କୈଳାଶ ମିସ୍ତ୍ରୀ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ କାର୍ଯ୍ୟକୁ ପରିଚାଳନା କରିଥିଲେ। ଫାଟକ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଭାଗ୍ୟଶ୍ରୀ ସାହୁ, ସୁଭଶ୍ରୀ ସାହୁ, କିର୍ତ୍ତି କୁମାରୀ ମହାରଣା, ପ୍ରଜ୍ଞା ପଣ୍ଡା, ତ୍ରିଶା ଶତପଥି, ସ୍ୱୟଂସଂପୂର୍ଣ୍ଣା ଆଚାର୍ଯ୍ୟ, ସିଦ୍ଧିଶ୍ରୀ ବକ୍ସି, ପିୟୁଷ ଠାକୁର ଓ ଆୟୁଷ ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପଦ୍ମିନୀ ଦୋରା ସ୍ୱର ସଂଯୋଜନା କରିଥିଲେ। ଏହି ଅବସରରେ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାର କୃତୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।




ଶନିବାର ରାତିରେ ଜ୍ୟୋତି ଆୟୋଜିତ ଚକ୍ଷୁଦାନ ପକ୍ଷ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

### ବିଜେଡିର ବିକ୍ଷୋଭ: ଧାରଣା, ଲିଫଲେଟ ବଣ୍ଟନ

ସମ୍ବଲପୁର,୯।୯(ବ୍ୟୁରୋ)

ତୈଳଦର ବୃଦ୍ଧି ପ୍ରତିବାଦରେ ରବିବାର ରାଜ୍ୟ ବିଜୁ ଯୁବ ଛାତ୍ର ଜନତା ଦଳ ଆହ୍ୱାନ କ୍ରମେ ରବିବାର ବିଭିନ୍ନ ପେଟ୍ରୋଲ ପମ୍ପ ପରିସରରେ ଧାରଣା ଦିଆଯାଇଛି। ସମ୍ବଲପୁର ସହରର ଗୋବିନ୍ଦତୋଳା, ଚାରଭାଟି, ବୁଢାରଜା, ଗୋଲବଜାର, ମ୍ୟୁନିସିପାଲଟି ଛକ, ଦୁର୍ଗାପାଲି, ଅଇଁଠାପାଲି, ବରେଇପାଲି, ଭାଲୁପାଲିସ୍ଥିତ ପ୍ରେଟ୍ରୋଲ ପମ୍ପଠାରେ ଅନୁରୂପ ଧାରଣା ଓ ବିକ୍ଷୋଭ କରାଯାଇଛି। ସେହିପରି ହୀରାକୁଦ ଓ ବୁର୍ଲାରେ ମଧ୍ୟ ବିଜୁ ଯୁବ ଛାତ୍ର ଜନତା ଦଳ କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବୁଢାରଜା ପେଟ୍ରୋଲ ପମ୍ପଠାରେ ପଥପ୍ରାନ୍ତ ନାଟକ କରାଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ୨୦୧୪ ନିର୍ବାଚନ ପ୍ରତିଶ୍ରୁତିରେ ମୋଦି କେମିତି ବିଫଳ ହୋଇଛନ୍ତି ଏଥିରେ ଉଲ୍ଲେଖ ରହିଥିଲା।

### ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର

ରେଢ଼ାଖୋଲ,୯।୯(ଡି.ଏନ.ଏ.)

ଚାରମାଳ ଥାନା ସରପାଳ ଗ୍ରାମର ଟଙ୍କଧର ବଢେଇ (୫୮) ନାମକ ଜଣେ ଚାଷୀ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଓ ଗ୍ରାମବାସୀମାନେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ତାଙ୍କର ସନ୍ଧାନ ପାଇନଥିଲେ। ରବିବାର ସକାଳେ ଗ୍ରାମ ନିକଟ ସୁରୁବାଲି ଯୋର୍ ମୁହାଣ ଏକ ଲଟାବୁଦା ମଧରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଚାରମାଳ ପୋଲିସ ଖବର ପାଇ ଉକ୍ତ ମୃତଦେହକୁ ଉଦ୍ଧାର କରିଥିଲା। ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର ହୋଇଛି।

# ବିଦ୍ୟୁତ୍‌କରଣ କାର୍ଯ୍ୟ ତଦାରଖ କଲେ ରେଳ ସୁରକ୍ଷା ଆୟୁକ୍ତ

ସମ୍ବଲପୁର, ୯।୯ (ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ବଲାଙ୍ଗିର-ଟିଟିଲାଗଡ଼, ଡୁଙ୍ଗୁରୀପାଲି-ବରପାଲି ସେକ୍ସନର ରେଳ ବିଦ୍ୟୁତିକରଣ କାର୍ଯ୍ୟ ଚାଲିଛି। ରେଳ ସୁରକ୍ଷା ଆୟୁକ୍ତ କେ ଏ ମନୋହରନ୍ ଏହି ବିଦ୍ୟୁତିକରଣ କାର୍ଯ୍ୟ ତଦାରଖ କରିଛନ୍ତି। ଏଥିସହ ସେ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ, ଓଭରହେଡ୍, ଇକ୍ୱିପ୍‌ମେଣ୍ଟ, ପୋଲ, ମାନବବିହୀନ ଓ ମାନବଯୁକ୍ତ ରେଳ ଫାଟକ, ରେଳବାଇ ଟ୍ରାକ୍ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଏହି ସେକ୍ସଶନ ସ୍ପିଡ୍ ଟ୍ରାଏଲ କରିଥିଲେ। ଏହି ସେକ୍ସଶନର ବିଦ୍ୟୁତିକରଣ ହେବାପରେ ଟ୍ରେନଗୁଡ଼ିକ ସୁଗମ ଭାବେ ଚଳାଚଳ କରିବ ବୋଲି ସେ କହିଛନ୍ତି । ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ପ୍ରଧାନ ମୁଖ୍ୟ ବିଦ୍ୟୁତ ଇଂ. ପୂର୍ବତଟ ରେଳବାଇ ଏନ କେ ମହାନ୍ତି, ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଆର ଏ ଚୌଧୁରୀ, ଜେ. ମାହାନ୍ତଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ରେଳ ସୁରକ୍ଷା ଆୟୁକ୍ତ ସମ୍ବଲପୁର ରେଳମଣ୍ଡଳ ବିଦ୍ୟୁତ୍‌କରଣ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଉତ୍ତେଜନା

# ଦେଢ଼ଘଣ୍ଟା ଧରି ରାସ୍ତା ଅବରୋଧ, ପୋଲିସର ମୃଦୁ ଲାଠି ଚାଳନା

ସମ୍ବଲପୁର/ବୁର୍ଲା,୯।୯(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ଥାନା କିରବା ଛକ ନିକଟରେ ବସ ଧକ୍କା ଦେବାରୁ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ଓଏଚପିସି କର୍ମଚାରୀ ଯୁଗଳ କିଶୋର ବିଶ୍ୱାଳ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶବ ରଖି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରଙ୍କୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ଟ୍ରାଫିକ ନିୟନ୍ତ୍ରଣ ଦିଗରେ ପୋଲିସ ଗୁରୁତ୍ୱ ଦେବାକୁ ଦାବି ଜଣାଇଥିଲେ। ବାରମ୍ବାର ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିଲେ ମଧ ଟ୍ରାଫିକ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ହୀରାକୁଦ ଏଡିପିଓ ଶିଶୁ ରଞ୍ଜନ ମହାପାତ୍ର, ବୁର୍ଲା ଥାନା ଅଧିକାରୀ ମାନସ ପ୍ରଧାନ, ହୀରାକୁଦ ଥାନା ଅଧିକାରୀ ତୋଫାନ ବାଗ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ସୂଚନାଯୋଗ୍ୟ ଯେ, ସମ୍ବଲପୁର ପଟୁ ଓଡି ୧୪ବି ୨୦୯୫ ବୁର୍ଲା ପଟକୁ ଯାଉଥିଲା। ଏହି ସମୟରେ ସ୍କୁଟି ନମ୍ବର ଓଡି୧୫ଜି ୯୮୦୬ ମଧ କିରବାରୁ ସମ ଦିଗରେ ଯାଉଥିଲା।


## ମହତ୍ତ୍ୱପୂର୍ଣ୍ଣ ସୂଚନା

INDIAN RAILWAYS

**ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଦୁରନ୍ତୋ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018, 15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଳାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଳାସା | 20.09.2018 ଠାରୁ 25.09.2018 |



ପୂର୍ବ ତଟ ରେଳପଥ

PR-344/J/18-19



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ବରପାଲି, ୯।୯(ଡି.ଏନ.ଏ.): ବରପାଲି ଥାନା ଚାରମୁଣ୍ଡା ଛକଠାରେ ଥିବା ଏକ ହୋଟେଲରେ ଶନିବାର ପୋଲିସ ଚଢ଼ାଉ କରି ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ହୋଟେଲ କର୍ମଚାରୀ କୃପାସିନ୍ଧୁ ରାୟ(୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ପୋଲିସ ଶନିବାର ସକାଳେ ଢାବାରେ ବିପୁଳ ମଦ ଥିବା କୁଆଡେ ଖବର ପାଇଥିଲା । ଏ ନେଇ ଏକ ମାମଲା (ନଂ. ୨୨୧/୧୮) ରୁଜୁ ହୋଇଛି ।

### ଖେଳକୁଦ ଉଦ୍‌ଯାପିତ

ପଦ୍ମପୁର, ୯।୯ (ଡି.ଏନ.ଏ): ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଚାଲିଥିବା ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି । ପୂର୍ବ ସନ୍ଧ୍ୟାରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ସମାପ୍ତି ଘୋଷଣା କରିଥିଲେ । ପଶ୍ଚିମ ସମ୍ଭାଗ ସଂଯୋଜକ ସଞ୍ଜୟ କୁମାର ମିଶ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବରଗଡ ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡା, ସମ୍ବଲପୁର ବିଭାଗ ନିରୀକ୍ଷକ ପ୍ରଦୀପ କୁମାର ମିଶ୍ର, ରାଉରକେଲା ବିଭାଗ ନିରୀକ୍ଷକ ଯୋଗେନ୍ଦ୍ର ମହନ୍ତ ଓ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ । ସମ୍ପାଦକ ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### କେରଳ ବନ୍ୟା ବିପନ୍ନଙ୍କୁ ସହାୟତା

ଜାମଟିକ୍ରା, ୯।୯ (ଡି.ଏନ.ଏ): ଅତାବିରା ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଶନିବାର ୧୦ ହଜାର ଟଙ୍କାର ଏକ ଡ୍ରାଫ୍ଟ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରାଯାଇଥିବା ସଭାପତି ବେଣୁଧର ମିଶ୍ର ଓ ସମ୍ପାଦକ ଦଶରଥ ବାଗ ଜଣାଇଛନ୍ତି । ଏଥିରେ ଭୋଜରାଜ ପଧାନ, ଉପେନ୍ଦ୍ର ମିଶ୍ର, ମୁକ୍ତେଶ୍ୱର ମହାକୁଡ, ରାମକୃଷ୍ଣ ମିଶ୍ର, ଧର୍ମରାଜ ଗଡତିଆ ଏବଂ ଆହୁରି ୫୦ଜଣ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

### ସାମୂହିକ ନୂଆଖାଇ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୯।୯: ବରଗଡ଼ରେ ସାମୁହିକ ନୂଆଖାଇ ପାଳନ ପାଇଁ ଶନିବାର ସ୍ଥାନୀୟ ମାଁ ଶ୍ୟାମାକାଳୀ ମନ୍ଦିର କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବେଶ୍ୱର ରଥ ଅଧ୍ୟକ୍ଷତା କରିଥିଲେ । ସୁରେନ୍ଦ୍ର କୁମାର ପଣ୍ଡା, ସମୀର କୁମାର ପ୍ରଧାନ, ପ୍ରଶାନ୍ତ କୁମାର ମହାପାତ୍ର, ସୁନୀଲ ପୁରୋହିତ, ଲିପ୍‌ସିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ଥାନୀୟ ସଚେତନ ନାଗରିକ ଯୋଗ ଦେଇଥିଲେ ।

### ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା

ଘଣ୍ଟାପଡା,୯।୯(ଡି.ଏନ.ଏ.): ତୈଳଦର ବୃଦ୍ଧି ପ୍ରତିବାଦରେ କଣ୍ଟାମାଲ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ ସଭା ଓ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳ ପ୍ରାୟ ୧୦ ଟା ସମୟରେ କଣ୍ଟାମାଲ ବ୍ଲକ ସଭାପତି ଶମ୍ଭୁ ପ୍ରସାଦ ସାହୁ ଏବଂ ଦେବୀ ପ୍ରସାଦ ନାଏକଙ୍କ ନେତୃତ୍ୱରେ କଣ୍ଟାମାଲ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁଇ ଘଣ୍ଟା ଧରି ଶାନ୍ତିପୂର୍ଣ୍ଣ ଭାବେ ଜନସଚେତନତା କରାଯାଇଥିଲା। କଣ୍ଟାମାଲ ବ୍ଲକର ବିଜେଡି କର୍ମକର୍ତ୍ତା ଡୁମାଲପାଲି ଏବଂ ହାଟପଦା ଛକଠାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଲୋକମାନଙ୍କୁ ସଚେତନ କରିଥିଲେ । ଏଥିରେ ବିଜେଡି ଯୁବନେତା ସୁରେଶ ରଣା, ରାଧାବଲ୍ଲଭ ପ୍ରଦାନ, ସୁରେଶ ମହାନ୍ତି, ଦୀନବନ୍ଧୁ ସାହୁ, ହରିବୋଲ ସାହୁଙ୍କ ସମେତ ସରପଞ୍ଚ ପରମେଶ୍ୱର ରଣା, ବିଜେଡି ନେତା ଘନଶ୍ୟାମ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଁଖାଇ ଲାଗି ଟକ୍‌ଟକାଲାନ ମନ୍

ଭଟଲି,୯।୯(ଡି.ଏନ.ଏ)

ବଛରଟାକର୍ ତିହାର ନୂଆଁଖାଇ। ଚାଷୀଟେ ଚାଷ୍ ଆରମ୍ କଲା ଦିନୁ କେନ୍‌ଥେଇ ଚାଷ୍‌ବାସ୍‌ଟା ଭଲ୍ ହେବା, ବର୍‌କସିଆ ଅମଲ୍ ହେବା ସେଥିର୍‌ଲାଗି ସେ ତାର ଇଷ୍ଟଦେବୀକେ ମନେ ମନେ ସୁମ୍‌ରୁଥିସି। ଯେନ୍‌ଦିନ୍ ଚାଷୀ କ୍ଷେତେ ନୂଆଁଧାନ୍ କେଁଡା ନିସ୍‌ରିବାର ଦେଖିସି ତାର୍‌ମନ୍ ଖୁସିଥି ସରଗ୍ ଛିଉଁଥିସି। ସେ ଅମଲ୍‌ର ପହେଲା ଦାନାକେ ନୂଆଁଖାଇ ଦିନ ଇଷ୍ଟଦେବୀନେ ଭୋଗ୍ ହିସାବେ ସମର୍‌ପନ୍ କର୍‌ସି। ନୂଆଁଖାଇ ଦିନ ସକାଲୁ କ୍ଷେତେ ମାଟି ମାତାକେ ପୂଜା କର୍‌ସି, ନୂଆଁଧାନ୍‌କେ ଇଷ୍ଟଦେବୀନେ ଲାଗି କର୍‌ସି, ତାର୍‌ପରେ କୁଟୁମ୍ବସିଆ ଏକ୍‌ଠାନିଆ ନୂଆଁ ଖାଏସନ୍। ଇ ପରବ୍‌କେ ପଶ୍ଚିମ ଓଡ଼ିଶାର ସବୁ ସମାଜ୍‌ର, ସବୁ ବରଗ୍‌ର, ସବୁ ପରିବାର୍‌ର ଲୋକ୍ ଉସ୍‌ନାକ୍ ମନେ ବଛର୍‌କୁତା ଟାକିଥିସନ୍। ଇ ପରବ୍‌ଟା ବହୁତ୍‌ଟେ ଲୁକ୍‌କର ଲାଗି ରୁଜ୍‌ଗାର୍‌ର ପଁଥା ବି ଆନିଦେସି। କୁମ୍ଭାର ସମାଜର ଲୋକ୍ ନୂଆଁଖାଇ ଲାଗି ବନେ ଦିନାଦୁ ଆଗ୍‌ରୁ ହାଁଡି, ପାଟ୍‌ଲି ଗଢ଼ଲା ବେଲେ ବେଟ୍‌ରା ସମାଜର ଲୋକ୍ ନୂଆଁ ଭୁଗାଚୁପା, ଚାଁଘରି, ଖଲିଦନା ଟିପି ବେପାର କର୍‌ସନ୍। ସେନ୍‌ତା ଭୁଲିଆ, କୁଷ୍‌ଟା ଲେଖେଁ ବୁନାକାର ସମାଜର ଭାଇମାନେ ଜାତିର ଜାତିର କପ୍‌ଟା ନୂଆଁଖାଇ ଆଗ୍‌ରୁ ବିକିରି ଭାଁଜରି କର୍‌ବାର ଲାଗି ରଖିଥିସନ୍। ନୂଆଁଖାଇର ଦିନାଦୁ ଆଗ୍‌ରୁ ବସୁଥିବାର ତିହାର ହାଟ୍‌ରେ ସଭେ ନିଜର ନିଜର ତିଆରି ଜିନିଷ୍ ବିକାଭଂଗା କରି ଦୁଇ ପଏସା ରୁଜ୍‌ଗାର କର୍‌ସନ୍। ନୂଆଁଖାଇ ଦିନ ସବୁ ଲୋକ୍ ଜାଏତ୍‌ପାତ୍, ବଡ଼ସାନ୍, ଧନୀଗରିବ୍ ପାସ୍‌ରି ନୂଆଁଖାଏସନ୍, ଜାତିର ଜାତିର ପିଠାମଡା ବାସ୍‌ନାରେ ଗାଁମାନ୍ ମହକି ଯାଉଥିସି। ଉପରବେଲା ଦେବାଦେବୀ ଦର୍‌ଶନ୍‌କରି ଜୁହାର ଭେଟ୍ ହେସନ୍। ନୂଆଁଖାଇ ସାଏଲା ଉତାରୁ ଗାଁମାନ୍‌କେ ଭେଁଡିଆ ପିଲାମାନେ ଭିନ୍ ଭିନ୍ ପର୍‌କାର ଖେଲ୍ ଖେଲ୍‌ସନ୍। ଏହେଦେ ନୂଆଁଖାଇର ସଜ୍‌ବାଜ୍ ଲାଗି ଗାଁ ଗାଁନେ ଢ଼ୋଲ୍ ନିଶାନ୍ ବାଜ୍‌ଲାନ, ତିହାର୍ ଲାଗି ସମ୍‌କିରି ମନ୍ ଟକ୍‌ଟକେଇ ଗଲାନ। ଇ ନୂଆଁଖାଇ ସଜ୍‌ବାଜ୍ ଆର୍ ଲୁକ୍‌କର ମତାମତ୍‌କେ ନେଇ ଆମର ଇ ଲେଖା।

### ହଁସୁଛେ ଧାନ୍ କ୍ଷେତ୍



"ଇ ଦିନ୍‌କେ ଆମେ ଜୁଗିଥିସୁଁ। ବାକି ଦିନ୍‌ମାନ୍‌କେ ଯାହା ବେପାର କଲେ ବି ନୂଆଁଖାଇ ତିହାର ବେପାର୍‌ର ମଜା ଅଲଗ୍ ଆଏ। ନୂଆଁ ଜିନିଷ୍ ଚାଷେ ଲଗାମି ବଲି ଚାଷୀ ଆମର୍ ଭୁଗାଚୁପାକେ ଜୁଗିଥିଲା ବେଲେ ନୂଆଁ ଚୁପ୍‌ଲିଥି ଖଜାପିଠା ଖାଏବାର୍ ଲାଗି ଲୁକେ ଜୁଗି ଥିସନ୍।

-ପଦ୍ମିନୀ ବାରିକ, ଜୟ ମାଁ ଲକ୍ଷ୍ମୀ ଏସ୍‌ଏଚ୍‌ଜି, ସୁକୁଡ଼ା



"ପୁରା ଉଆଁସ ଆଏଲା ଦିନୁ ଆମ୍‌କୁ ନୂଆଁଖାଇ ଆଏଲା ବାଗିର ଲାଗ୍‌ସି । ପୁରା ଉଆଁସ ଦିନୁ ନୂଆଁଖାଇର ସାମନ୍ ବିକ୍‌ରି ଆରମ୍ ହେସି। ନୂଆଁଖାଇରେ ନୂଆଁ ହାଁଡି, ପାଟ୍‌ଲି ଲଗାବାର ରିକ୍‌ମା ରହିଆସିଛେ। ଯେନ୍‌ଥିର୍‌ଲାଗି ବଛରକୁତା ଆମେ ଇ ତିହାର୍‌କେ ଟାକିଥିସୁଁ ।

-ନବୀନ ରଣା, ମାଟି କାରିଗର, ଭଟଲି



"ଅକ୍ଷି ତୁର୍‌ତୀଆରୁ ଚାଷ୍ କାମ୍ ମୂଲ୍ ହେସି। ସେ ଦିନୁ ଆମେ ନୂଆଁଖାଇକେ ଉସ୍‌ନାକ୍ ହେଇ ଟାକିଥିସୁଁ। ପର୍‌ଭୁ ଦଧିବାମନ୍‌କର କୁର୍‌ପାନୁ ଇ ବଛର୍ ଭଲ୍ ଫସଲ୍ ହେଇଛେ ଚାଷୀ ସମାଜ୍ ବି ଖୁସ୍ ଅଛେ। ଇ ବଛର୍ ନୂଆଁଖାଇଟା ଚାର୍‌ହିକୁତି ଜମ୍‌କି କରି ହେବା ବଲି ଭାବୁଛେଁ ।

-ସୁଶାନ୍ତ ପଧାନ, ଚାଷୀ, ଭଟଲି



ଅଂଚଲର ଜଣେ ଚାଷୀ କ୍ଷେତେ ସାର ବୁନୁଛନ୍ ।

# ବରଗଡ଼ରେ ନୂଆଁଖାଇ ଯୋଟ୍‌ଯାଟ୍



ନୂଆଖାଇ ଯୋଟ୍‌ଯାଟ୍ କାର୍ଯ୍ୟକ୍ରମରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

ବରଗଡ଼ ଅଫିସ୍,୯।୯

ବରଗଡ଼ ସୌଖୀନ କଳାକାର ସଂଘ ପରିସରରେ ରବିବାର ଏକ କାର୍ଯ୍ୟକ୍ରମ ନୂଆଁଖାଇ ଯୋଟ୍‌ଯାଟ୍-୨୦୧୮ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଶୁଦ୍ରମୁକ୍ତି ଅଭିଯାନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅସହାୟ, ଗରିବ, ବୃଦ୍ଧାବୃଦ୍ଧଙ୍କୁ ନୂଆଁଖାଇ ଅବସରରେ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ନୂଆବସ୍ତ୍ର, ପରିବା, ପୂଜା ସାମଗ୍ରୀ ଆଦି ବଣ୍ଟନ କରାଯାଇଥିଲା। ଏଥିରେ ୪୦ଜଣ ଅସହାୟ ମହିଳା, ପୁରୁଷ ସାମିଲ ଥିଲେ। ଉର୍କୁଲୁ ତାଣ୍ଡି, କୌସ୍ତୁଭ ବୁଧିଆ, ଚତୁର୍ଭୁଜ ପ୍ରଧାନ, ଜେଠୁ ଭୋଇ, ରମେଶ ମହାପାତ୍ର, ରୋହିତ ମହାରଣା, ଭୀମସେନ ନାଗ, ମହେନ୍ଦ୍ର ସୁନା, ପଦ୍ମାଳୟା ଭୋଇ, ଶକୁନ୍ତଳା ସୁନା, ବଳିଷ୍ଠ ସୁନା, ଉଦ୍ଧବ ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶୁଦ୍ରମୁକ୍ତି ଅଭିଯାନର ପବିତ୍ର ଦେହେରୀ, ଭବାନୀ ପ୍ରସାଦ ସାହୁ, ମାରିୟମ ବାର୍ଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କ୍ୟାନ୍‌ସର ହସ୍‌ପିଟାଲ ଦାବିରେ ଦସ୍ତଖତ ଅଭିଯାନ

ବରଗଡ଼ ଅଫିସ୍,୯।୯

ବରଗଡ଼ରେ କ୍ୟାନସର ହସପିଟାଲ ଦାବି ଜୋର ଧରିଛି। ଏଥିପାଇଁ ଜିଲାର ବିଭିନ୍ନ ସଙ୍ଗଠନଏକଜୁଟ୍‌ହୋଇ ଦସ୍ତଖତ ଅଭିଯାନ, ସ୍ମାରକପତ୍ର ପ୍ରଦାନ, ଶୋଭାଯାତ୍ରା ଆଦି ମାଧ୍ୟମରେ ଦାବି ଉପସ୍ଥାପନ କରୁଛନ୍ତି । ଏହି କ୍ରମରେ ରବିବାର ବରଗଡ଼ ହାଟପଦା ଦୁର୍ଗାପୂଜା କମିଟି ପକ୍ଷରୁ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ହାଟପଦା ଦୁର୍ଗା ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏହି ଅଭିଯାନରେ ଶତାଧିକ ଲୋକେ ସାମିଲ ହେବା ସହିତ କ୍ୟାନ୍‌ସର ହସ୍‌ପିଟାଲ ଦାବିକୁ ସମର୍ଥନ ଜଣାଇ ଦସ୍ତଖତ ଦେଇଥିଲେ । ନରସିଂହ ବିଶି, ରାଜେନ୍ଦ୍ର ପ୍ରସାଦ ସିଂ, ରଶ୍ମିତା ଭୋଇ, ସୌଭେନ୍ଦ୍ର ଗହୀର, ରାହୁଲ ପଣ୍ଡା, ରାମେଶ୍ୱର ସୁବୁଦ୍ଧି, ଶେଷଦେବ ପ୍ରଧାନ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଦିବ୍ୟାଙ୍ଗ ପାଳିଲେ ପୂରାଉଆଁସ

ବରଗଡ଼ ଅଫିସ୍,୯।୯

ବରଗଡ଼ ଭିନ୍ନକ୍ଷମ ସ୍କୁଲର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ରବିବାର କୃଷିଭିତ୍ତିକ ପର୍ବ ପୂରାଉଆଁସ ପାଳନ କରିଛନ୍ତି। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରମାନେ ଚଷାବେଶରେ ସଜ୍ଜିତ ହୋଇ ପୂରା ବଳଦ (କଣ୍ଢେଇ) ଟାଣି ଏବଂ ଛାତ୍ରୀମାନେ ମୁଣ୍ଡରେ ପୂଜା ସାମଗ୍ରୀ ସହିତ ଚାଙ୍ଗୁଡ଼ି ଧରି ସ୍କୁଲରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଏସ୍‌ପି ଅଫିସ, କଚେରୀ ଛକ, ଥାନାଛକ ଦେଇ ପୁଣି ସ୍କୁଲକୁ ଫେରିଥିଲା। ବରଗଡ଼ ଟାଉନ ଥାନା ଆଇଆଇସି ବିଭୂତିଭୂଷଣ ଭୋଇ, ଶିକ୍ଷକ ନେତା ଅଗ୍ନି ପ୍ରଧାନ, ବରଗଡ଼ ପୌର ଉପାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସ୍କୁଲ ପରିଚାଳନା କମିଟି ସଭାପତି ଡଃ ଜୟଦେବ ସାହୁ, ଦୃଷ୍ଟିହୀନ ସ୍କୁଲର ପ୍ରଧାନଶିକ୍ଷକ ଅଭୟ ପ୍ରଧାନ, ବଧିର ସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମାନସିକ ଅନଗ୍ରସର ସ୍କୁଲର ପ୍ରଧାନଶିକ୍ଷକ ମେଘନାଦ ସାହୁ, ଦୁଃଖିସେବକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



ଦିବ୍ୟାଙ୍ଗ ଛାତ୍ରୀମାନେ ମୁଣ୍ଡରେ ଚାଙ୍ଗୁଡ଼ିରେ ପୂଜା ସାମଗ୍ରୀ ଧରି ଯାଉଛନ୍ତି ।

# ଟ୍ରାକ୍ଟର-ବାଇକ ଧକ୍କା, ଯୁବକ ମୃତ

ଅତାବିରା, ୯।୯(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅଧୀନ ୫୪ ନମ୍ବର ଜାତୀୟ ରାଜପଥର କୁଡାପାଲି ଛକରେ ରବିବାର ଟ୍ରାକ୍ଟର-ବାଇକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଅତାବିରା ଥାନା ଡାଲବୀ ଗ୍ରାମର ସୁଜିତ କୁମାର ପୁରୋହିତ (୨୯) । ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ଓଡି ୧୭ଏନ ୫୨୧୨ ନମ୍ବର ବିଶିଷ୍ଟ ବାଇକରେ ଡାଲବୀରୁ ଉକ୍ତ ଯୁବକମାନେ କାଦୋବାହାଲ ଆସୁଥିବା ବେଳେ ଏକ ଟ୍ରାକ୍ଟର (ନଂ.ଓଆର୧୭ଜେ ୧୬୨୫) ସେମାନଙ୍କୁ ଧକ୍କା ଦେଇଥିଲା। ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ବାଟରେ ସୁଜିତଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର, ବାଇକକୁ ଜବତ କରି ତଦନ୍ତ ଚଳାଇଛି ।

# ୧୪ ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ତାଲାବନ୍ଦ ନିଷ୍ପତ୍ତି

ଅମରପାଲି, ୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବ୍ଲକଗ୍ରାଣ୍ଟ ହାଇସ୍କୁଲମାନଙ୍କରେ ତାଲାବନ୍ଦ ନିଷ୍ପତ୍ତି ନେଇଛି ବ୍ଲକଗ୍ରାଣ୍ଟ ମିଳିତ ମଞ୍ଚ। ଏନେଇ ଶନିବାର ବୀରମହାରାଜପୁର ବ୍ଲକ ଉଫୁଲାସ୍ଥିତ ମାହେଶ୍ୱରୀ ବିଦ୍ୟାପୀଠରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ୧୪ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଲେନ୍ଦ୍ର ତ୍ରିପାଠୀଙ୍କ ଆବାହକକ୍ରମେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ବୃନ୍ଦାବନ ଭୋଇ ସଭାପତିତ୍ୱ କରିଥିଲେ। ବିଭିନ୍ନ ଦାବିରେ ସୋମବାରଠାରୁ ଉଭୟ ବ୍ଲକର ସମସ୍ତ ବ୍ଲକଗ୍ରାଣ୍ଟ ହାଇସ୍କୁଲମାନଙ୍କରେ ତାଲା ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍କୁଲଗୁଡ଼ିକରେ ତାଲା ବନ୍ଦ ହେବା ପରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହୋଇଯିବା ଏକ ପ୍ରକାର ସ୍ପଷ୍ଟ ଜଣାପଡୁଛି।

# ଗର୍ଭଣାରେ ବିଜେଡ଼ିର ବିକ୍ଷୋଭ

ଭେଡ଼େନ,୯।୯(ଡ଼ି.ଏନ.ଏ)

ପେଟ୍ରୋଲ ଓ ଡ଼ିଜେଲର ଦରବୃଦ୍ଧି ପ୍ରତିବାଦରେ ଭେଡ଼େନ ବ୍ଲକ ଅନ୍ତର୍ଗତ ଗର୍ଭଣା ପେଟ୍ରୋଲ ପମ୍ପଠାରେ ବିଜେଡ଼ି ତରଫରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସାଗର ମହାକୁର, ସାନନ୍ଦ କରଣ, ଦ୍ୟୁମତସେନ ରଣା, ସୁରେନ୍ଦ୍ର କର୍ମିଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ ।

# ଚାନ୍ଦା ପାଇଁ ଟ୍ରାଫିକ୍ ସମସ୍ୟା

ବରପାଲି, ୯।୯(ଡି.ଏନ.ଏ.)

ବରପାଲି ବସ୍‌ଷ୍ଟାଣ୍ଡ ଅଞ୍ଚଳରେ କେତେକ ବ୍ୟକ୍ତି ଯାନବାହନ ଅଟକାଇ ଗଣେଶ ପୂଜା ଚାନ୍ଦା ଅସୁଲ କରୁଛନ୍ତି । ସେମାନେ ଗାଡିମୋଟର ଅଟକାଉଥିବାରୁ ରାସ୍ତାରେ ଅଯଥା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏ ସମ୍ପର୍କରେ ଥାନା ଅଧିକାରୀ ସୁବ୍ରତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଆସନ୍ତା କାଲିଠୁ ପଦକ୍ଷେପ ନେବାକୁ କହିଥିଲେ ।

# ଲିଫଲେଟ୍ ବାଣ୍ଟିଲେ ବିଧାୟକ

ବରଗଡ଼ ଅଫିସ୍,୯।୯

ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନଡ଼ିଏ ସରକାର କ୍ରମାଗତ ଭାବେ ପେଟ୍ରୋଲ, ଡିଜେଲ ଭଳି ତୈଳଦର ବୃଦ୍ଧି କରୁଛନ୍ତି। ତୈଳ କମ୍ପାନୀ ପ୍ରତି ଏହା କେନ୍ଦ୍ର ସରକାରଙ୍କ ଅହେତୁକ ଅନୁକମ୍ପା ଏବଂ ସାଧାରଣ ଜନତାଙ୍କ ଉପରେ କୋରଡ଼ା ମାଡ଼ ବୋଲି ବିଜେଡ଼ି ଅଭିଯୋଗ କରି ଏହାର ପ୍ରତିବାଦ କରିଛି । ଏହି କ୍ରମରେ ରବିବାର ବିଜେଡ଼ି ପକ୍ଷରୁ ବରଗଡ଼ ଗାନ୍ଧୀଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଧାରଣାରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଉପାଧ୍ୟକ୍ଷା କଳ୍ପନା ମାଝି, ଜିଲା ଯୁବ ବିଜେଡ଼ି ସଭାପତି ହିମାଂଶୁ ଦାଶ, ଛାତ୍ର ବିଜେଡ଼ି ସଭାପତି କରନ ସିକନ୍ଦର, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ସାମିଲ ଥିଲେ। ବିଧାୟକ ଆଚାର୍ଯ୍ୟଙ୍କ ସମେତ ବିଜେଡ଼ି କର୍ମୀମାନେ ସେଠାରେ ତୈଳଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ବିରୋଧରେ ଲିଫଲେଟ୍ ମଧ୍ୟ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ, ଛାତ୍ର, ମହିଳା ଜନତାର କର୍ମୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ବରଗଡ଼ ବିଧାୟକ କେନ୍ଦ୍ର ସରକାରଙ୍କ ବିରୋଧରେ ଲିଫଲେଟ୍ ବାଣ୍ଟୁଛନ୍ତି ।

## ପେଟ୍ରୋଲ ଡିଜେଲ ମୂଲ୍ୟ ବୃଦ୍ଧିର ପ୍ରତିବାଦ

# ବିଜେଡିର ବିକ୍ଷୋଭ, ଲିଫଲେଟ୍ ବଣ୍ଟନ

ସୋନପୁର/ ବୀରମହାରାଜପୁର/ ଉଲୁଣ୍ଡା, ୯।୯ (ସ୍ୱ.ପ୍ର./ ଡି.ଏନ.ଏ.)

ଭାଜପା ନେତୃତ୍ୱାଧିନ କେନ୍ଦ୍ରର ଏନଡିଏ ସରକାର କ୍ରମାଗତଭାବେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରୁଛନ୍ତି। ତୈଳ କମ୍ପାନୀଗୁଡିକ ପ୍ରତି ଏହା କେନ୍ଦ୍ର ସରକାରଙ୍କ ଅହେତୁକ ଅନୁକମ୍ପା। ମୂଲ୍ୟବୃଦ୍ଧି ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କ ବିରୋଧରେ ଜନଜାଗରଣ ପାଇଁ ଆନ୍ଦୋଳନ ଚଳାଇଛି ବିଜୁ ଜନତା ଦଳ। ରବିବାର ଦଳ ପକ୍ଷରୁ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନ ପୋଟ୍ରୋଲ ପମ୍ପ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳୀୟ କର୍ମୀ ଓ ନେତୃବୃନ୍ଦ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଲିଫ୍‌ଲେଟ୍ ବଣ୍ଟନ କରି ସଚେତନ କରିଥିଲେ। ପେଟ୍ରୋଲ, ଡିଜେଲ ଦର ହ୍ରାସ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ବିଜେଡି ସଭାପତି ସରୋଜ କମ୍ପ ଚେତାବନୀ ଦେଇଥିଲେ। ସୋନପୁରରେ ବିଜେଡି ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଅଭିମନ୍ୟୁ କୁଶଳ, ଜିଲା ମହିଳା ବିଜେଡି ସଭାନେତ୍ରୀ ମାଧବୀଲତା କୁଅଁର, ଯୁବ ବିଜେଡି ଜିଲା ସଭାପତି ଅଶୋକ ନନ୍ଦ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶାଶ୍ୱତ କୁମାର ମିଶ୍ର, ଜନ୍ମେଜୟ ପାତ୍ର, ରାଜକୁମାର ସୁନା, ଆଭାସ ମିଶ୍ର, ପ୍ରକାଶ ବେବର୍ତ୍ତା, ଅଦ୍ୱୈତ ପଣ୍ଡା, ସନ୍ତୋଷ କୁମାର ମିଶ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାଠାରେ ବହୁ ବିଜେଡି କର୍ମକର୍ତ୍ତା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକଜୁଟ ହେବା ପରେ ସେମାନଙ୍କର ଏକ ବିଶାଳ ରାଲି ବସ୍ତି ପରିକ୍ରମା ପରେ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିଥିଲା। ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଉକ୍ତ ଦଳୀୟ କାର୍ଯ୍ୟକ୍ରମରେ ବିଜେଡି କର୍ମୀଙ୍କ ବ୍ୟତୀତ ବହୁ ସଂଖ୍ୟାରେ ସାଧାରଣ ଜନତା ସାମିଲ ହୋଇ ଥିବା ଦେଖିବାକୁ ମିଳିଥିଲା। ଦଳୀୟ କର୍ମୀମାନେ କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ କରିବା ସହିତ ରାଜରାସ୍ତାରେ ଖୁବ ଗର୍ଜିଥିଲେ।

ପେଟ୍ରୋଲ ପମ୍ପ ପରିସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ସଂଯୋଜନା କରିଥିଲେ। ଏଥିରେ ଦଳର ବରିଷ୍ଠ ନେତା ତଥା ଓକିଲ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଜିଲା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଆଡ୍‌ଭୋକେଟ ଶ୍ରୀନିବାସ ଚାନ୍ଦ ଓ ଅଜିତ ପାଣିଗ୍ରାହୀ, ଛାତ୍ରନେତା ଭଗବାନ କର୍ଣ୍ଣ ଓ ଚମ୍ପେଶ୍ୱର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ତୈଳଦର ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ଆଭିମୁଖ୍ୟ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୋମୁହାଁ ନୀତିକୁ କଡା ସମାଲୋଚନା କରିଥିଲେ।

ଉଲୁଣ୍ଡା ବ୍ଲକ ବିଜେଡି ତରଫରୁ ଉଦେପଦର ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ଆଗରେ ଜନ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ନିର୍ବାଚନମଣ୍ଡଳୀର ବିଜେଡି ଯୁବସଂଘ ସଭାପତି ବିହାରିଲାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦଳର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ବିଜେଡି ସଭାପତି ଝସକେତନ ବଘାର, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ସୋମନାଥ ପାଣିଗ୍ରାହୀ, ସଙ୍ଗୀତାରାଣୀ ଭୁକ୍ତା, ସନ୍ତୋଷିନୀ ଭୋଇ, କୁଶ ଭୋଇ, ଦୁର୍ଯ୍ୟୋଧନ ପର୍ଡିଆ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।



ବୀରମହାରାଜପୁର ପେଟ୍ରୋଲ ପମ୍ପ ସାମ୍ନାରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି ।



ନ୍ୟାୟଦେବା ହେଉଛି ଏକ ସାମ୍ବିଧାନିକ ନୀତି କିନ୍ତୁ ଭିତ୍ତିଭୂମି ବିକାଶ ବିନା ଜଣେ ନ୍ୟାୟ ପାଇପାରିବ ନାହିଁ। ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ନ୍ୟାୟପାଳିକାର ମୌଳିକ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ।

-ଜଷ୍ଟିସ ଦୀପକ ମିଶ୍ର, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି



## ସଂକ୍ଷେପରେ

### କଣ୍ଟାବାଞ୍ଜି କଂଗ୍ରେସର ବନ୍ଦ ଡାକରା

କଣ୍ଟାବାଞ୍ଜି,୯।୯(ଡି.ଏନ.ଏ.)
କେନ୍ଦ୍ର ସରକାରଙ୍କ ରାଫେଲ ଦୁର୍ନୀତି ଓ ପେଟ୍ରୋଲ ଦର ବୃଦ୍ଧିକୁ ପ୍ରତିବାଦ କରି ଭାରତ ବନ୍ଦକୁ କଣ୍ଟାବାଞ୍ଜି ନଗର କଂଗ୍ରେସ ମଧ ସମର୍ଥନ କରି ସୋମବାର ଭାରତ ବନ୍ଦ ଡାକରା ଦେଇଛି। ଏହି ବନ୍ଦ ଡାକରା କଣ୍ଟାବାଞ୍ଜର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ପାଳନ କରାଯିବ ବୋଲି ସୂଚନା ମିଳିଛି । ଏପରିକି ସାଲୁଜା ଡାକବାଜି ଯନ୍ତ୍ରଦ୍ୱାରା ବନ୍ଦ ଡାକରାକୁ ସମର୍ଥନ କରିବା ପାଇଁ ନିବେଦନ କରିଥିବା ବେଳେ ନଗର କଂଗ୍ରେସ ସଭାପତି ବଂଶିବେଶନ ଏହାର ଆବାହକ ରହିଛନ୍ତି।

### ଭାଗବତ ପାରାୟଣ ପାଳିତ

ସଇଁତଲା,୯।୯(ଡି.ଏନ.ଏ.)
ସଇଁତଲା ବ୍ଲକ ଛକ ନିକଟସ୍ଥ ଭାଲୁଗୁମାଠାରେ ଗତ ୨୭ତାରିଖରୁ ଭାଗବତ ପାରାୟଣ ପଠନ ଆରମ୍ଭ ହୋଇଥିବାବେଳେ ୧୪ଦିନ ପରେ ଅର୍ଥାତ୍ ରବିବାର ଏହାର ପୂର୍ଣ୍ଣାହୂତି ପଡ଼ିଛି। ପ୍ରମୋଦ ପଣ୍ଡା ଭାଗବତ ପଠନ କରିଥିବାବେଳେ ବାବା ଚନ୍ଦ୍ରଶେଖର ଦାସ ପୂଜାକାର୍ଯ୍ୟ ତୁଲାଇଥିଲେ । ଆଖପାଖର ଶତାଧିକ ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ଭାଗବତ ଶ୍ରବଣ କରିବା ସହ ଭଗବାନଙ୍କ ରସାମୃତ ପାନ କରୁଥିଲେ । ବାବୁଲାଲ କର୍ମୀ ଓ ଲକ୍ଷ୍ମୀଧର କର୍ମୀ ସପତ୍ନିକ କର୍ତ୍ତାଥିବାବେଳେ ବୃନ୍ଦାବନ କର୍ମୀ, ଯୋଗେଶ୍ୱର କର୍ମୀ, ଜୟରାମ କର୍ମୀ, ଦାମୋଦର ଶତପଥି, ବେଣୁଧର ବକୁଲ, ଆଲୋକ ସାହୁ, ସୁନୀଲ ଅଗ୍ରୱାଲା, କିଶୋର ଅଗ୍ରୱାଲା, ହରିବନ୍ଧୁ ପ୍ରଧାନଙ୍କ ସହ ଛକୋରବାଞ୍ଜୀ ଗ୍ରାମର ଏକାଦଶୀ ଗୋଷ୍ଠୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଅଭିଭାବକ ସମ୍ମିଳନୀ

ରିଷିଡା,୯।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଅପରାହ୍ନରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ଉପରେ ଅଭିଭାବକମାନେ ମତ ରଖିଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର, ଆଚାର୍ଯ୍ୟ କୁବେର ନାଗ, ବାସୁଦେବ ସେଲମା, ଲାଲୁ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ବ୍ୟକ୍ତିଗତ ପରିଚ୍ଛନ୍ନତା ଦିବସ ପାଳିତ

ରିଷିଡା,୯।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଚାଲିଥିବା ସ୍ୱଚ୍ଛତା ପକ୍ଷ ଅବସରରେ ବ୍ୟକ୍ତିଗତ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କୁ ପୋଷାକ ସଫେଇ ସହ ନଖ କଟାକୁ ଗୁରୁତ୍ୱ ଦିଆଯାଇ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ସମେତ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ ।

# ଉତ୍ତ୍ୟକ୍ତ ମହିଳା ମଦ ଭାଟି ପୋଡ଼ିଲେ

ନୂଆପଡା ଅଫିସ,୯।୯

ନୂଆପଡା ଜିଲା ସଦର ବ୍ଲକ ବେଲଗୁକୁରୀ ଥାନା ଅନ୍ତର୍ଗତ ବିଶୋରା ମଦ ଭାଟି ଅଞ୍ଚଳରୁ ବେଆଇନ ଭାବେ ମଦକୋଠିଗୁଡ଼ିକୁ ଯୋଗାଣ ହେଉଥିବାବେଳେ ଏଥିରେ ଲୋକେ ମଦ୍ୟପ ହେଉଥିବା ଅଭିଯୋଗ ଆଣି ଅଞ୍ଚଳର ମହିଳାମାନେ ଉତ୍ତ୍ୟକ୍ତ ହୋଇଉଠିଛନ୍ତି । ଉତ୍ତ୍ୟକ୍ତ ମହିଳାମାନେ ବିଶୋରା ମଦ ଭାଟିରେ ଭଙ୍ଗା ରୁଜା କରିଥିବା ବେଳେ ପୋଡି ସର୍ବନାଶ କରି ଦେଇଛନ୍ତି । ଅଞ୍ଚଳର ଶତାଧିକ ମହିଳା ଏଥିରେ ରୋଷ ପ୍ରକଟ କରିଥିବା ବେଳେ ପୋଲିସମାନେ ନୀରବ ଦ୍ରଷ୍ଟା ହୋଇ ଦେଖି ରହିଥିଲେ ।

ଖରିଆରରୋଡରୁ ବେଲଗୁକୁରୀ ରାସ୍ତାରେ ବିଶୋରା ଗାଁ ନିକଟରେ ଥିବା ମଦ ଭାଟିରୁ ଆଖପାଖ ଅର୍ଥାତ ଶ୍ରଦ୍ଧାପୁର, ଲୁକୁପାଲି ଆଦି ଗାଁ ଅଞ୍ଚଳରେ ମଦ ବିକ୍ରି ହୋଇଥାଏ । ଆଜକୁ ବହୁ ବର୍ଷ ଧରି ଥିବା ମଦଭାଟିକୁ ବନ୍ଦ କରିବାକୁ ଅଞ୍ଚଳବାସୀ ବହୁ ବର୍ଷ ଧରି ଦାବି କରିଆସୁଛନ୍ତି । ହେଲେ ଏହାକୁ ବନ୍ଦ କରିବା ପରିବର୍ତ୍ତେ ବେଆଇନ ଭାବେ ଗାଁଗୁଡିକରେ ଦେଶୀ ମଦକୋଠିକୁ ଯୋଗାଣ ହେଉଛି । ଏହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ଜିଲା ଅବକାରୀ ବିଭାଗ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ହେଁ କେହି ଶୁଣୁ ନ ଥିବାନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ରବିବାର ପୂର୍ବାହ୍ନ ୧୧ଟାବେଳେ ହଠାତ ଶ୍ରଦ୍ଧାପୁର, ଲୁକୁପାଲି ଆଦି ଗାଁର ବହୁ ସଂଖ୍ୟାରେ ମହିଳାମାନେ ବିଶୋରା ଭାଟି ନିକଟକୁ ମାଡିଆସିଥିଲେ । ଭାଟି ଘରକୁ ପଶିଯାଇ ଭଙ୍ଗା ରୁଜା କରିଥିବାବେଳେ ସେଠାରେ ଥିବା ମଦ ପାଉଚଗୁଡ଼ିକୁ ଆଣି ବାହାରେ ଫୋପାଡିଥିଲେ । ଖବର ପାଇ ସ୍ଥାନୀୟ ପୋଲିସ ଏଠାକୁ ଆସିଥିଲେ । ହେଲେ ପୋଲିସ ତୁଳନାରେ ଉତ୍ତ୍ୟକ୍ତ ଲୋକଙ୍କ ସଂଖ୍ୟା ଅଧିକ ରହିଥିବାରୁ ପୋଲିସ କେବଳ ମୂକସାକ୍ଷୀ ହୋଇ ଚାହିଁ ରହିଥିଲା । ଘଣ୍ଟାକ ଭିତରେ ଲୋକେ ପୋଡାଜଳା କରି ଧୂଳିସାତ କରିଦେଲେ । ଏହା ଦେଖିବାକୁ ଅଞ୍ଚଳର ବହୁ ଲୋକ ରୁଣ୍ଡ ହୋଇଥିଲେ। ସନ୍ଧ୍ୟାସୁଦ୍ଧା ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାବେଳେ ଏହା ଉପରେ ତଦନ୍ତ ଚଳାଇଥିବା ଥାନାଧିକାରୀ ଏସ.କେ. ସେଠ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଆଜକୁ ଠିକ ମାସକ ତଳେ ସ୍ଥାନୀୟ ସାରାବଙ୍ଗ ଭାଟିକୁ ଗ୍ରାମବାସୀ ଆନ୍ଦୋଳନ କରି ବନ୍ଦ କରିଥିବାବେଳେ ବର୍ତ୍ତମାନ ନିଶା ମୁକ୍ତି କରିବାକୁ ବିଶୋରା ଅଞ୍ଚଳରେ ମହିଳାମାନେ ଏକଜୁଟ ହୋଇ ମାତିଛନ୍ତି। ଅଞ୍ଚଳରେ ସବୁ ଗାଁରେ ରାତି ଅଧିଆ ବୈଠକ କରି ମହିଳାମାନେ ମଦ କାରବାର ବନ୍ଦ କରିବାକୁ ଯୋଜନା କରୁଥିବା ପ୍ରକାଶ । ଏହାକୁ ପ୍ରଶାସନ କିପରି ଭାବରେ ଗ୍ରହଣ କରୁଛି। ତାହା ଦେଖିବାକୁ ବାକି ରହିଲା।



ବିଶୋରା ମଦ ଭାଟିରେ ମହିଳାମାନେ ଭଙ୍ଗାରୁଜା କରୁଛନ୍ତି।

**ନୂଆପଡା- ବିଶୋରା ମଦ ଭାଟି**
- ଶତାଧିକ ମହିଳା ଘେରାଉ କଲେ
- ପୋଲିସ ନୀରବ ଦ୍ରଷ୍ଟା ସାଜିଲା

# ହୃଦ୍‌ରୋଗ ପୀଡ଼ିତାଙ୍କୁ ଭାଜପାର ସହାୟତା

ଜୁନାଗଡ,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆ ଗ୍ରାମର ହରେକୃଷ୍ଣ ଘିଙ୍କ ଦେଢ ବର୍ଷର ଝିଅ ରୂପାଲି ହୃଦରୋଗରେ ଶିକାର ହୋଇଥିବାବେଳେ ଅର୍ଥଭାବରୁ ଗତ ରବିବାର ଭୁବନେଶ୍ୱରସ୍ଥିତ ଏମ୍ସ ଡାକ୍ତରଖାନରେ ତାଙ୍କର ଅସ୍ତ୍ରୋପଚାର କରାଇ ନ ପାରି ପରିବାରବର୍ଗ ଘରକୁ ନେଇ ଆସିଥିଲେ। ଏହି ଘଟଣା ସମ୍ପର୍କରେ ଶୁକ୍ରବାର ଧରିତ୍ରୀର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ ବିଭାଗର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଜରିଆରେ ରୂପାଲିଙ୍କ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଏପଟେ ହୃଦରୋଗ ପୀଡିତା ନାବାଳିକାଙ୍କୁ ସମ୍ବେଦନା ଜଣାଇବା ପାଇଁ ରବିବାର ଅପରାହ୍ନରେ ଭାଜପା ଟିମ୍ ପିଲିକିଆ ଗ୍ରାମକୁ ପହଞ୍ଚିଥିଲା। ସେଠାରେ ସେମାନେ ରୂପାଲିଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପରିବାରବର୍ଗଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଦ୍ୱାରା ଯାହାକିଛି ସହାୟତା ହୋଇ ପାରିବ ତାହା ନିଶ୍ଚିତ ଭାବେ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଭାଜପା ଜିଲା ସମ୍ପାଦକ ତଥା ଯୁବମୋର୍ଚ୍ଚା କଳାହାଣ୍ଡି ଜିଲା ପ୍ରଭାରୀ ରୁପେଶ କୁମାର ଜୈନ, ଜିଲା ସାଧାରଣ ସମ୍ପାଦକ ବସନ୍ତ କୁମାର ପୁରୋହିତ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ଜୁନାଗଡ ଏନଏସି କାଉନସିଲର ମୁକେଶ ଅଗ୍ରୱାଲ, ସାମାଜିକ କର୍ମୀ ପ୍ରତାପ ଦର ପ୍ରମୁଖ ଉପସ୍ଥିତ ଥିଲେ।



ହୃଦ୍‌ରୋଗ ପୀଡ଼ିତା ନାବାଳିକାଙ୍କୁ ସମବେଦନା ଜଣାଉଛନ୍ତି ଭାଜପା ଟିମ୍ ।

## ପ୍ରେମ ବ୍ୟାପାରକୁ ନେଇ ମହିଳାଙ୍କ ଜୀବନ ଗଲା

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ସିନାପାଲି,୯।୯(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲିସ୍ଥିତ ଗଡରାମାଲ ଗ୍ରାମରେ ସ୍ୱାମୀସ୍ତ୍ରୀ ଝଗଡାକୁ ନେଇ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାକୁ ନେଇ ମହିଳାଙ୍କ ପରିବାର ଲୋକେ ହତ୍ୟା କରାଯାଇଥିବା ସିନାପାଲି ଥାନାରେ ଅଭିଯୋଗ କରିଛନ୍ତି। ରବିବାର ସିନାପାଲି ଥାନାଧିକାରୀ ଜ୍ୟୋତିରନ ଗୌଡ, ସିନାପାଲି ଅତିରିକ୍ତ ତହସିଲଦାର କପିଳ ଦେବ ସାହୁ, ସିନାପାଲି ଥାନା ସବ୍‌ଇନ୍‌ସ୍ପେକ୍ଟର ସଦାନନ୍ଦ ନାଏକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନିଜେ ପିନ୍ଧିଥିବା ଶାଢୀକୁ ବେକରେ ଲଗାଇ ଥିବା ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ସିନାପାଲି ଥାନାରେ ଏକ ମାମଲା (ନଂ.୧୭୫/୦୯.୨୦୧୮) ରୁଜୁ କରି ତଦନ୍ତ ଚାଲିଥିବା ଥାନା ସୂତ୍ରରୁ ପ୍ରକାଶ। ଅଭିଯୋଗ ପରେ ମହିଳାଙ୍କ ସ୍ୱାମୀ ଟଙ୍କଧର ବାଗଙ୍କୁ ଅଟକ ରଖି ଅଧିକ ପଚାରାଉଚୁରା ଚାଲିଥିବା ଥାନାଧିକାରୀ ଗୌଡଙ୍କୁ ସୂତ୍ରରୁ ପ୍ରକାଶ। ମୃତା ମହିଳାଙ୍କ ବାପା ଟଙ୍କଧର ନିଆଲଙ୍କ ଅଭିଯୋଗ ଅନୁସାରେ ସିନାପାଲି ବ୍ଲକସ୍ଥିତ ରାଣିଡୁଙ୍ଗରୀ ଗାଁର ଭୂମନୀ ବାଗ (୨୩)ଙ୍କୁ ଗତ ୨୦୧୪ରେ ଗଡରାମାଲ ଗ୍ରାମର ଟଙ୍କଧର ବାଗ ସାମାଜିକ ବୈଦିକ ରୀତି ଅନୁସାରେ ବିବାହ ହୋଇଥିଲେ। ବିବାହର କିଛିଦିନ ଭଲଭାବରେ ରହିବା ପରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ହେଲେ କୌଣସି କାରଣବଶତଃ ଟଙ୍କଧର ବାଗ ଅନ୍ୟ ଏକ ମହିଳାଙ୍କୁ ଦୀର୍ଘ ସାତ ଆଠ ମାସ ଧରି ଭଲ ପାଇ ଆସୁଥିଲେ । ଏଥିରେ ମୋ ଝିଅ ବାରଣ କରିବାରୁ ମାରପିଟ୍ କରିବା ସହ ନିର୍ଯାତନା ଦେଇଆସୁଥିଲେ। ଭଲ ପାଉଥିବା ମହିଳାଙ୍କୁ ଘରକୁ ଆଣିବାକୁ ବାରଣ କରିବାରୁ ମୋ ଝିଅକୁ ହତ୍ୟା କରାଯାଇଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି।

## ଏନ୍‌ଏସିସ୍ତରୀୟ ନାଗରିକ କମିଟି ଗଠିତ

ଗୁଡ଼ଭେଲା,୯।୯(ଡି.ଏନ.ଏ.)

ତୁଷୁରା ଏନଏସି ଅଞ୍ଚଳର ବିକାଶ କରିବା ପାଇଁ ରବିବାର ସ୍ଥାନୀୟ ମା'ସମଲେଶ୍ୱରୀ ମନ୍ଦିରଠାରେ ଓମ୍‌ପ୍ରକାଶ ଶର୍ମାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଏନଏସିସ୍ତରୀୟ ଏକ ନାଗରିକ କମିଟି ଗଠିତ ହୋଇଥିବା ବେଳେ ସଭାପତି ଭାବେ ରୁଣୁଗୋପାଳ ସାହୁ, ଉପସଭାପତି ରମାକାନ୍ତ ମହାପାତ୍ର, ସମ୍ପାଦକ ସୁନୀଲ ଜୈନ, ସହସମ୍ପାଦକ ଅନୀଲ ଶର୍ମା ଓ କୋଷାଧ୍ୟକ୍ଷଭାବେ ଦୁର୍ଯୋଧନ ବେହେରା ମନୋନିତ ହୋଇଛନ୍ତି। ସେହିପରି ୧୭ ଜଣ କାର୍ଯ୍ୟକାରିଣୀ ସଭ୍ୟ ରହିଛନ୍ତି। ଆଗାମୀ ଦିନରେ ଏନଏସି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଗମନାଗମନ, ଡ୍ରେନେଜ ଆଦିର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଜିଲାସ୍ତରୀୟ ଗୋଷ୍ଠୀ ସଚେତନତା

ଭବାନୀପାଟଣା,୯।୯(ଡି.ଏନ.ଏ.)

ଜିଲାସ୍ତରୀୟ ଗୋଷ୍ଠୀ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ପି.ଡି.ଡି.ଆର.ଡି.ଏ. ପ୍ରଶନ୍ନ କୁମାର ଷଡଙ୍ଗୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଜିଲାଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଗବାକ୍ଷ ନାଏକ, ବିଇଓ ଭବାନୀପାଟଣା ଜଗନ୍ନାଥ ପୁରୋହିତ, ଲାଞ୍ଜିଗଡ ବିଇଓ ସଞ୍ଜୀବ ନାଏକ, ଥୁ.ରାମପୁର ବିଇଓ ସୁଧିର ରଥ, ଜୁନାଗଡ ବିଇଓ ସୁଧାଂସୁବାଳା ଦେବିଙ୍କ ସମେତ ଭବାନୀପାଟଣା ପୌରସଂସ୍ଥା ଅଞ୍ଚଳ ସମସ୍ତ ଉଚ୍ଚବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର, ଏନସିସି ଛାତ୍ର, ଜିଲାଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ, ସର୍ବଶିକ୍ଷାଅଭିଯାନ କର୍ମଚାରୀ, ସିଆରସିସି ଓ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ, ବହୁ ଜିଲାସ୍ତରୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଶ୍ଳୋଗାନ ଦେଇ ସହର ପରିକ୍ରମା କରିଥିଲେ। ପ୍ଲାକାର୍ଡ, ବେନର ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ। ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା, ସମସ୍ତଙ୍କ ଘରେ ପାଇଖାନା କରିବା, ମିଳିମିଶି ସହରକୁ ସଫା ରଖିବା , ନିର୍ମଳ ଜଳ ପାନ କରିବା, ଅଳିଆ ଆବର୍ଜନା ନ ରଖିବା, ଅପରିଷ୍କାର ପାଣି ଜମା ହେବାକୁ ନ ଦେବା ଆଦି ବାର୍ତ୍ତା ଦିଆଯାଇଥିଲା। ସର୍ବଶିକ୍ଷା ଅଭିଯାନ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରାକୁ ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଫିସର ତଥା ଏପିଡି (ଏଡମିନ୍ଷ୍ଟ୍ରେସନ୍) ଡିଆରଡିଏ ଗୋପାଳ ସ୍ୱାମୀ ନାଇଡୁଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।



ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ପାଳନ ଅବସରରେ ଭବାନୀପାଟଣାଠାରେ ଆୟୋଜିତ ଶୋଭାଯାତ୍ରା।

## ବଲାଙ୍ଗୀର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ

# ଲୋଇସିଂହା, ପାଟଣାଗଡ଼, ଜରାସିଂହା ବିଜୟୀ

ବଲାଙ୍ଗୀର ଅଫିସ,୯।୯

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ବଲାଙ୍ଗୀର ଫୁଟବଲ ଲିଗରେ ରବିବାର ଜିଲାର ୩ଟି ପଡିଆରେ ଖେଳ ଅନୁଷ୍ଠିତ ହୋଇଯାଇଛି । ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଏପିଜେ ଲୋଇସିଂହା ଦଳ ୨-୦ ଗୋଲରେ ସହୀଦ ଜିମ୍ନାସିୟମ ଟିଟଲାଗଡକୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ତରଫରୁ ଦେବାର୍ଚ୍ଚନ ବାଗ ଓ ପ୍ରଶାନ୍ତ ଭୋଇ ଗୋଲ ଦେଇଥିଲେ । ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର, ପୂର୍ବତନ ଖେଳାଳୀ କପିଳେଶ୍ୱର ପାଣିଗ୍ରାହୀ, ଜିଲା ବାର ଆସୋସିଏଶନ ସମ୍ପାଦକ ଅମନ ନାଗ ଓ କ୍ରୀଡା ସଙ୍ଗଠକ ହେମନ୍ତ ବେହେରା ଯୋଗଦେଇଥିଲେ। କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କ୍ରୀଡାବିତ ସୁଧୀର ଚନ୍ଦ୍ର ପଣ୍ଡା, କ୍ରୀଡା ସଂସଦ ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ ମହାରଣା ଓ ଭୂପେନ୍ଦ୍ର ପ୍ରସାଦ ସିଂ ମଞ୍ଚାସୀନ ହୋଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ନିଶାରକାନ୍ତ ନାଗ, ଖଲିଉଲ ରହମାନ, ସୁରେଶ ନାଏକ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ । ଜରାସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଗ୍ରୁପ ଜିର ଚୁଡାନ୍ତ ଖେଳରେ ଜରାସିଂହା ଦଳ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ମହୀପୁରକୁ ପରାସ୍ତ କରି ସପ୍ତମ ଦଳ ଭାବେ ସୁପର ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଅତିଥି ଭାବେ ବିଡିସିସି ସଭାପତି ଲକ୍ଷ୍ମଣ ମେହେର, କଂଗ୍ରେସ ଯୁବନେତା ସମରେନ୍ଦ୍ର ମିଶ୍ର ଓ ଜମିଦାର ଦୁର୍ଗାପ୍ରସାଦ ସିଂଦେଓ ଯୋଗଦେଇଥିଲେ । ଖେଳକୁ କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, ଶ୍ରୀବତ୍ସ ମେହେର, କୈଳାଶ କର୍ତ୍ତା ଓ ସୁନ୍ଦରମଣି ଦଣ୍ଡସେନା ପରିଚାଳନା କରିଥିଲେ । ପାଟଣାଗଡ ପଡିଆରେ ଅନୁଷ୍ଠିତ ଗ୍ରୁପ ଏଚ୍ ଚୁଡାନ୍ତ ଖେଳରେ ପାଟଣେଶ୍ୱରୀ କ୍ଲବ ପାଟଣାଗଡ ଦଳ ୩-୧ ଗୋଲରେ ରୁଗୁଡିମୁଣ୍ଡା ଦଳକୁ ହରାଇ ଅଷ୍ଟମ ଦଳ ଭାବେ ସୁପର ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ବିଜୟୀ ଦଳ ତରଫରୁ ଶାନ୍ତନୁ ବେହେରା ୨ଟି ଓ ଆସିକ ସୁନା ଗୋଟିଏ ଗୋଲ ଦେଇଥିବାବେଳେ ରୁଗୁଡିମୁଣ୍ଡା ତରଫରୁ ସୁନୀଲ ଧରୁଆ ଗୋଟିଏ ଗୋଲ ଦେଇଥିଲେ । ଅତିଥି ଭାବେ ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା ଓ ସମାଜସେବୀ ରମେଶ ପୁରୋହିତ ଯୋଗ ଦେଇଥିଲେ । ଖେଳକୁ ରାଜେନ୍ଦ୍ର ଧରୁଆ, ଖୁସିରାମ ମଲ୍ଲିକ, ଦୀପକ ରାଜହଂସ, ରାଜେନ୍ଦ୍ର ସେଠ ଓ ଅରବିନ୍ଦ କୁମାର ପରିଚାଳନା କରିଥିଲେ ।



ପାଟଣାଗଡଠାରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

# ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡିର ଧାରଣା







ବିଜେଡି ତରଫରୁ ତୈଳ ଦରବୃଦ୍ଧି ପ୍ରତିବାଦରେ ବଲାଙ୍ଗୀରରେ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଛି (ବାମ)। ଭବାନୀପାଟଣାଠାରେ ବିଜେଡି ପକ୍ଷରୁ ଏକ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ବଲାଙ୍ଗୀର ଅଫିସ,୯।୯

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ପ୍ରତିବାଦରେ ସାରା ରାଜ୍ୟରେ ବିଜେଡି ତରଫରୁ ରବିବାର ପ୍ରତିବାଦ ଓ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲାରେ ବିଭିନ୍ନ ସ୍ଥାନରେ ଧାରଣା ଦିଆଯାଇଛି। ସ୍ଥାନୀୟ ପ୍ରଧାନ ଡାକଘର ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ବଲାଙ୍ଗୀର ବିଜୁ ଯୁବ- ଛାତ୍ର - ମହିଳା ଜନତା ଦଳ ପକ୍ଷରୁ ତୈଳ ଦର ବୃଦ୍ଧି ପ୍ରତିବାଦରେ ରବିବାର ଧାରଣା ଦିଆଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ପ୍ରତିବାଦ ଓ ଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧକ୍ଷା ସନ୍ତୋଷିନୀ ବେହେରା, କାଉନ୍‌ସିଲର ସୁଜାତା ଦାଶ, ମମତା ଜେନା, ସରିତା ଦାସ, ମୁନ୍ନ ଖାନ୍, ଉପେନ୍ ଦୀପ, ଛାତ୍ର ବିଜେଡି ସଭାପତି ଗୁଞ୍ଜି ଖାନ୍, ମହିଳା ବିଜେଡି ନଗର ସଭାନେତ୍ରୀ ବାସନ୍ତୀ ସିଂ ବୁଡେକ୍, ମହେନ୍ଦ୍ର ବାଗ, ଧ୍ରୁବ ଜୁଏଲ୍, ମୁନୁ ପୋଢ଼, ଟିକୁ ପରିଚ୍ଛା, ସଞ୍ଜୀବ ମିଶ୍ର, ବାସୁ ଦାଶ, ଶିବ ବେହେରା, ମନୀଷ ମିଶ୍ର, ସରପଞ୍ଚ ରାଜେନ୍ଦ୍ର ହୋତା, ଜିତେନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ରୋକିବାରେ କେନ୍ଦ୍ର ଭାଜପା ସରକାର ସମ୍ପୂର୍ଣ୍ଣ ଫେଲ ମାରିଛି। ଏହାଦ୍ୱାରା ଦେଶର ଅଗଣିତ ଜନତା ଘୋର ଆର୍ଥିକ ବୋଝର ସମ୍ମୁଖୀନ ହେଉଛନ୍ତି ବୋଲି ବକ୍ତାମାନେ କହିଥିଲେ।

କଣ୍ଟାବାଞ୍ଜି,୯।୯(ଡି.ଏନ.ଏ.)
କଣ୍ଟାବାଞ୍ଜିଠାରେ ଶାନ୍ତି ଫିଲିଙ୍ଗ ଷ୍ଟେଶନ ସମ୍ମୁଖରେ ବିଜେଡି ଜିଲା ସମ୍ପାଦକ ଫିରୋଜ ଖାନଙ୍କ ନେତୃତ୍ୱରେ ଦୁଇ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରେକେଲା ବ୍ଲକ ସଭାପତି ଆଶାଦୁଲ୍ଲା ଖାନ, କଣ୍ଟାବାଞ୍ଜି ଏନଏସି ଉପନଗରପାଳ କିଶୋର ମଜଖଣ୍ଡ, ବିଧାୟକ ପ୍ରତିନିଧି ଦେବରାଜ ଯାଦବ, ଶ୍ରୀପତି ସୁନା, ତୁରେକେଲା ବ୍ଲକ ଯୁବ ବିଜେଡି ସଭାପତି ସୁଦାମ ବେହେରା, ସତ୍ୟନାରାୟଣ ରାଏ ସହ ଅନ୍ୟ ବିଜେଡି କର୍ମୀମାନେ ସହଯୋଗ କରିଛନ୍ତି।

ଖପ୍ରାଖୋଲ,୯।୯(ଡି.ଏନ.ଏ.)
ସେହିପରି ଖପ୍ରାଖୋଲ ବିଜେଡି ତରଫରୁ ମଧ ବିକ୍ଷୋଭ ଓ ଧାରଣା ଦିଆଯାଇଛି । ବ୍ଲକ ସଭାପତି ସତ୍ୟନାରାୟଣ ମେହେର, ଯୁବମୋର୍ଚ୍ଚା ସଭାପତି ପଞ୍ଚୁଦେବ ସାହୁ, ଏମ୍‌ପି ପ୍ରତିନିଧି ଗୋବିନ୍ଦ ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶୀଳ ଗୁରୁ, କଳାକାହ୍ନୁ ବାରିକ, ସୁଶୀଳ ପ୍ରଧାନ, ରମେଶ ପ୍ରଧାନ, ଗୋପାଳ ସାହୁ ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ଭବାନୀପାଟଣା,୯।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଯୁବ, ଛାତ୍ର ଓ ମହିଳା ବିଜୁ ଜନତା ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣା ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଶାନ୍ତିପୂର୍ଣ୍ଣ ଭାବେ ବିଭିନ୍ନ ଶ୍ଳୋଗାନ ଦେଇ ଓ ଲିଫ୍ଲେଟ ବାଣ୍ଟି ଜନସଚେତନାତା ସୃଷ୍ଟି କରାଯାଇଥିଲା । ଯୁବ ବିଜୁଜନତା ଦଳ ସଭାପତି ଆଦିତ୍ୟ ନନ୍ଦ ଓ ଛାତ୍ରବିଜୁ ଜନତା ଦଳ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟ ଦୁଷ୍ମନ୍ତ ନାଏକ, ଉପସଭାପତି ଭବାନୀଶଙ୍କର ମିଶ୍ର, ପୂର୍ବତନ ନଗରପାଳ ଲଳିତା ନାଏକ, ଜୁବ ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ସଭାପତି ଅବିନାଶ ଠାକୁର, ମହିଳା ସଭାପତି କଲ୍ୟାଣି ନାଏକ, ଉପନଗରପାଳ ସବିତା ପ୍ରଧାନ, ଧବଳେଶ୍ୱର ମହାପାତ୍ର, ପ୍ରଦୀପ ମୁଣ୍ଡ, ଅଶେସ୍ୱର ବାଗ, ପ୍ରବୋଧ ରଥ, ଜିତେନ୍ଦ୍ର ମହାନ୍ତି, ରବି ପଟ୍ଟନାୟକ, ଅମରଦିପ ସିଂ, ମଣିନ୍ଦ୍ର ମହାନ୍ତି, ଆଶିସ ମହାପାତ୍ର, ଭବାନୀ ନିଆଲ, ପ୍ରାଣ ନାଏକ, ବାପି ପଟ୍ଟନାୟକ, କିଶୋର ଗହିରଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଯୋଗଦେଇଥିଲେ।

ଜୁନାଗଡ,୯।୯(ଡି.ଏନ.ଏ./ସ୍ୱ.ପ୍ର.)
ସେହିପରି କଳାହାଣ୍ଡି ଜିଲା ଜୁନାଗଡ଼ର ବିଭିନ୍ନ ପମ୍ପ ଆଗରେ ଜୁନାଗଡ ବିଜୁ ଦନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଦଳୀୟ କର୍ମୀମାନେ କେନ୍ଦ୍ରର ମୋଦି ସରକାରଙ୍କ ବିରୋଧରେ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ କରିବା ସହିତ ରାସ୍ତାରେ ଯାଉଥିବା ଲୋକଙ୍କୁ ଏହା ଉପରେ ସଚେତନ କରାଇଥିଲେ। ବିଜେଡି ଯୁବ ନେତା ହିମାଂଶୁ ଶେଖର ବରାଡଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ରାଜ୍ୟ ପରିଷଦ ସଦସ୍ୟ ଦିଗାମ୍ବର ନାଏକ, କୃଷକ ମୋର୍ଚ୍ଚା ଜିଲା ସଭାପତି ଦିଲୀପ ଠାକୁର, ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ବରିଷ୍ଠ ନେତା ପୀତାମ୍ବର ରଣା, ପ୍ରମୋଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସୁରେନ୍ଦ୍ର ସୁନାନୀ, ଭିଷ୍ମ ଦ୍ୱୀପ, ବେଣୁ ଦ୍ୱୀପ, କାମାକ୍ଷ ପ୍ରସାଦ ପ୍ରଧାନୀ, ପ୍ରଦ୍ୟୁମ୍ନ ରାଉତ, କାଳିଆ କନ୍ଦପାନ ପ୍ରମୁଖ ଉପସ୍ଥିତ ଥିଲେ।

ଜୟପାଟଣା,୯।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ବିଜୁ ଜନତା ଦଳ, ଛାତ୍ର ଜନତା ଦଳ, ମହିଳା ବିଜୁ ଜନତା ଦଳ ତରଫରୁ ବ୍ଲକ୍ ସଭାପତି ମୀନ କେତନ ପୂଝାରୀଙ୍କ ନେତୃତ୍ୱରେ ବିଭିନ୍ନ ପେଟ୍ରୋଲ ଟାଙ୍କି ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଠାରେ ସମସ୍ତ ପଞ୍ଚାୟତ ସମିତି ସଭାପତି, ସମ୍ପାଦକ, ସମିତି ସଭ୍ୟ, ସରପଞ୍ଚ ଯୋଗଦେଇଥିଲେ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା।
- ଭଲ୍‌ଟାୟାର



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା ଅଫିସ,୯।୯- ଝାରସୁଗୁଡ଼ା ସହରାଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବିଟିଏମ୍ ଫାଣ୍ଡି ପୋଲିସ ସେହି ଅଞ୍ଚଳର ଜବହାରଲାଲ ବିଶ୍ୱକର୍ମାଙ୍କୁ ଗିରଫ କରିଛିଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୃଚିସ୍ମିତା ମହାନ୍ତି କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଲହୁଣୀପଡା, ୯।୯ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ତାମଡା ଅଞ୍ଚଳର କାନଛିଣ୍ଡା ଗ୍ରାମରେ ଜଣେ ୧୧ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଗ୍ରାମର ଗଙ୍ଗାଧର ସିଂ (୨୧)ଙ୍କୁ ରବିବାର ଗିରଫ କରିଛି। ୫ତାରିଖ ଅପରାହ୍ନରେ ନାବାଳିକାଙ୍କୁ ଭୁଲାଇ ନିର୍ଜନ ସ୍ଥାନକୁ ନେଇ ଗଙ୍ଗାଧର ବଳାତ୍କାର କରିଥିଲେ। ରାତିରେ ଆଣି ଗାଁ ଦାଣ୍ଡରେ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ତଦନ୍ତ କରି ରବିବାର ତାଙ୍କୁ ଗିରଫ କରିଛି।

### ବାଳିକା ହକି, ଫୁଟବଲ ପ୍ରତିଯୋଗିତା

ବାଲିଶଙ୍କରା/ ସବଡେଗା, ୯।୯ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ବାଲିଶଙ୍କରାଠାରେ ରବିବାର ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ସହ ସଂଘ ତରଫରୁ ଅଞ୍ଚଳର ବାଳିକାମାନଙ୍କୁ ନେଇ ବାଳିକା ହକି ଓ ଫୁଟବଲ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ଦଳକୁ କପ୍ ସହ କିଛି ଅର୍ଥ ରାଶି ନଗଦ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ସମ୍ମାନିତ ଅତିଥି ଭାବେ ଜିଲା ବିଜୁ ଯୁବ ଜନତା ଦଳର ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ଓ ବାଲିଶଙ୍କରା ବ୍ଲକର ପୂର୍ବତନ ଅଧକ୍ଷା କଞ୍ଜଲତା ଭିତ୍ରିଆ, ପିଏସ କଲେଜର ଅଧକ୍ଷ କୁଳମଣି ସାହୁ ଯୋଗଦେଇଥିଲେ। ସଂଘର ସଭାପତି ପଙ୍କଜ ସାହୁ ଉକ୍ତ ହକି ଓ ଫୁଟବଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ହକି ଖେଳରେ ସଉନାମୁରା ଓ ବାଲିଶଙ୍କରା କନ୍ୟାଶ୍ରମର ବାଳିକାଙ୍କ ମଧରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ୧ ଗୋଲ କରି ସଉନାମୁରା ବିଜୟୀ ହୋଇଥିଲା। ଫୁଟବଲରେ ବାଲିଶଙ୍କରା ପିଏସ କଲେଜ ଓ ସଉନାମୁରା ହାଇସ୍କୁଲ ମଧରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୩ଗୋଲ କରି ବାଲିଶଙ୍କରା ପିଏସ କଲେଜ ବିଜୟୀ ହୋଇଥିଲା। ବୈଠକକୁ ବିକି ପଣ୍ଡା ପରିଚାଳନା କରିଥିଲେ। ଉପସଭାପତି ଅଶୋକ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ତରଫରୁ ରାଜଗାଙ୍ଗପୁର, କୁତ୍ରା, ବଡଗାଁ, ସବଡେଗା, ବାଲିଶଙ୍କରା, ଲେଫ୍ରିପଡା, ହେମଗିର ବ୍ଲକର ଅନେକ ସାମ୍ବାଦିକ ଯୋଗଦେଇଥିଲେ।



ଝାରସୁଗୁଡ଼ା ପେଟ୍ରୋଲ ପମ୍ପରେ ବିଜେଡିର ଆନ୍ଦୋଳନ।


ତୈଳ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ରାଉରକେଲାସ୍ଥିତ ଛେଣ୍ଡ ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ତୈଳଦର ନିୟନ୍ତ୍ରଣରେ କେନ୍ଦ୍ର ଅକ୍ଷମ

# ପେଟ୍ରୋଲ ପମ୍ପରେ ପ୍ରତିବାଦ, ବିକ୍ଷୋଭ

ଝାରସୁଗୁଡ଼ା ଅଫିସ, ୯।୯

ତୈଳଦର ବୃଦ୍ଧିର ପ୍ରତିବାଦ କରିଛି ଝାରସୁଗୁଡ଼ା ଜିଲା ବିଜେଡି। ରବିବାର ଦଳୀୟ କାର୍ଯ୍ୟକର୍ତ୍ତା ସମସ୍ତ ପେଟ୍ରୋଲ ପମ୍ପ ସାମ୍ନାରେ ପ୍ରତିବାଦ କରିଥିଲେ। ପେଟ୍ରୋଲ ଏବଂ ଡିଜେଲ୍ ଦର ବୃଦ୍ଧି କେବଳ ଗାଡ଼ି ଚାଳକଙ୍କ ପାଇଁ ସମସ୍ୟା ନୁହେଁ। ଏହାଦ୍ୱାରା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟି ସାଧାରଣ ଖାଉଟିଙ୍କୁ ସଙ୍କଟରେ ପକାଉଛି। ପେଟ୍ରୋଲ ଏବଂ ଡିଜେଲ୍ ଦର ନିୟନ୍ତ୍ରଣ କରିବାରେ କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବିଜେଡି ଦର୍ଶାଇଛି। ଏହି ଆନ୍ଦୋଳନରେ ଦଳର ରବି ସିଂ, ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ତ୍ରିନାଥ ଗୁଆଲ, ମନ ମହାପାତ୍ର, ପ୍ରଶାନ୍ତ ଜେନା, ଜୟପ୍ରକାଶ କୁଅଁର, ତୁଳସୀ ଦାଶ, ଶଶୀ ତିୱାରୀ, ଜୟକୁମାରୀ ପଟେଲ, ରାଜେଶ ମିଶ୍ର, ଅବିନାଶ ପଟେଲ, ପ୍ରଣତି ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ରାଉରକେଲା ଅଫିସ–** ତୈଳ ଦର ବୃଦ୍ଧି ପ୍ରତିବାଦରେ ରବିବାର ରାଉରକେଲା ବିଜେଡି ପକ୍ଷରୁ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କର୍ମକର୍ତ୍ତା ଓ କର୍ମୀମାନେ କେନ୍ଦ୍ର ଭାଜପା ସରକାରଙ୍କ ଜନବିରୋଧୀ ନୀତିର ଦୃଢ଼ ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ତୈଳ ମନ୍ତ୍ରଣାଳୟର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ଭାବେ ବଢ଼ିବାରେ ଲାଗିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନନ୍ଦ ମହାନ୍ତି, ସୁଦାମ ଦାସ, ଆରତୀ ଚୌଧୁରୀ, ମିନତୀ ଦେବତା, ମିନତୀ ବିଶ୍ୱାଳଙ୍କ ସମେତ ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳର ଛାମୁଆ କର୍ମୀ, କର୍ମକର୍ତ୍ତା ଯୋଗଦେଇଥିଲେ।

**ବେଲପାହାଡ଼, (ଡି.ଏନ୍.ଏ.)–** ରବିବାର ବେଲପାହାଡ଼ ସହରାଞ୍ଚଳର ବିଭିନ୍ନ ପେଟ୍ରୋଲ ପମ୍ପରେ ମଧ୍ୟ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଦଳର ଟାଉନ ସଭାପତି ରାଜେଶ ଭୋଇ, ପୌରାଧକ୍ଷ ପର୍ଶୁରାମ ସାହୁ, ଯୁବ ବିଜେଡି ସଭାପତି ତୌସିବ ଆଲମ, ପୂର୍ବତନ କାଉନସିଲର ରବୀନ୍ଦ୍ର ଗୌଡ଼, ପୂର୍ବତନ ଟାଉନ ସଭାପତି ଶମ୍ଭୁ ମହାନ୍ତିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ତଥା କର୍ମକର୍ତ୍ତା ସାମିଲ ହୋଇଥିଲେ। ଏମାନେ ପ୍ରଥମେ ଗୁମାଡେରା ଜୁବୁଲି ମାର୍କେଟସ୍ଥିତ ପେଟ୍ରୋଲ ପମ୍ପକୁ ଯାଇ ଗାଡ଼ି ଚାଳକମାନଙ୍କୁ ଲିଫ୍‌ଲେଟ ବଣ୍ଟନ କରିବା ସହ ଦରବୃଦ୍ଧିର କାରଣ ବିଷୟରେ ସଚେତନ କରିଥିଲେ। ସେଠାରୁ ଅନ୍ୟ ପଟ୍ରୋଲ ପମ୍ପକୁ ଯାଇ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ କରିଥଲେ।

### ଏନ୍‌ଟିପିସି, ଓସିପିଏଲ ବିରୋଧରେ ଧାରଣାକୁ ଗ୍ରାମବାସୀଙ୍କ ବିରୋଧ

ହେମଗିର, ୯।୯ (ଡି.ଏନ.ଏ.)

ହେମଗିର ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏନଟିପିସି ଓ ଓସିପିଏଲ ବିରୁଦ୍ଧରେ ବିଭିନ୍ନ ଦାବି ନେଇ ଗତ ୮ ତାରିଖରେ କମ୍ପାନୀ ପରିସରରେ ଧାରଣା ଦିଆଯାଇଥିଲା। ଏହାକୁ ଦଳର ସଭାପତି କଳାକାହ୍ନୁ ମେହେର, ଜିଲା ସମ୍ପାଦକ ବାବୁଲୁ ଦେହେରୀ ପ୍ରମୁଖ ଆୟୋଜନ କରିଥିଲେ। ଏଥିରେ ଆନନ୍ଦ ଚନ୍ଦ୍ର ମହାନ୍ତି, ଗପ ମହାନ୍ତି, ହରିଜିନ୍ଦର ସିଂ,ଗୋପାଳ ପଧାନ, ବିଜୁ ଜନତା ଦଳ ବ୍ଲକ ସଭାପତି ସୁକାନ୍ତ ପତି, ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉତିଆ ପ୍ରମୁଖ ଉପସ୍ଥିତ ଥିଲେ। ବିସ୍ଥାପିତ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଅଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି , ଖଣି କାଦାନରେ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ, ପ୍ରାଥମିକତାରେ ଠିକା କାର୍ଯ୍ୟ, ବାହାରୁ ନିଯୁକ୍ତ ଥିବା କର୍ମଚାରୀଙ୍କୁ ବାହାର କରିବା ଭଳି ଦାବିକୁ ନେଇ ଧାରଣାର ଆୟୋଜନ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳର କରୁଥିବା ଏହି ଧାରଣା ବା ଆନ୍ଦୋଳନର ପୂର୍ବାଭାଷ ପାଇଁ ତୁଲିଙ୍ଗା, ମଝାପଡା, ଖପୁରି କଛାର ଗ୍ରାମବାସୀ ସୁନ୍ଦରଗଡ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏଥିରେ ଗ୍ରାମବାସୀ ବାହାର ଲୋକଙ୍କ ଏହି ଆନ୍ଦୋଳନ ବା ଧାରଣାକୁ ସମର୍ଥନ କରୁନାହାନ୍ତି। ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଲ୍ଲେଖ କରିଥିଲେ। ଗ୍ରାମବାସୀଙ୍କସହ କୌଣସି ଆଲୋଚନା ନ କରି କିପରି ଗ୍ରାମବାସୀଙ୍କ ମଙ୍ଗଳ ସକାଶେ କରାଯାଉଛି ପାଲଟା ପ୍ରଶ୍ନ କରିଛନ୍ତି । ଏହା କେବଳ ଏକ ରାଜନୈତିକ ନିର୍ବାଚନ ଚାଲ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ଆନ୍ଦୋଳନର କୌଣସି ହିସାବରେ ସମର୍ଥନ କରାଯିବ ନାହିଁ ବୋଲି ବିସ୍ଥାପିତ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଉଛି।

## ତୈଳଦର ବୃଦ୍ଧି ପ୍ରତିବାଦ: ବିଭିନ୍ନ ସ୍ଥାନରେ ବିକ୍ଷୋଭ

ସୁନ୍ଦରଗଡ଼/ବଡ଼ଗାଁ, ୯।୯ (ଡି.ଏନ୍.ଏ.)

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ରବିବାର ସୁନ୍ଦରଗଡ଼ ବିଜୁ ଜନତା ଦଳ (ବିଜେଡ଼ି) ତରଫରୁ ସ୍ଥାନୀୟ ଟିଡିସିସି ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ଜୟନାରାୟଣ ତ୍ରିପାଠୀ, ଗୋପ ମହାନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଆଡ଼ଭୋକେଟ ବିନୟ ଟପ୍ପୋ, ଜିଲା ଆଇନ ସାମ୍ମୁଖ୍ୟ ଆବାହକ ଆଡ଼ଭୋକେଟ ଅଶୋକ ସ୍ୱାଇଁ, ଉପନଗରପାଳ ରଞ୍ଜନା ପଣ୍ଡା, କାଉନସିଲର ପଞ୍ଚା ବାର୍ଲା, ବୀଣା ସାହୁ, ସୁନୀଲ ମହାପାତ୍ର, ଶୋଭନ ଦାସ, ଆଶୀଷ ତ୍ରିପାଠୀ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ କୁମାର ପଣ୍ଡା, ପଶ୍ଚିମାଞ୍ଚଳ ଜୋନ୍ ଛାତ୍ର ବିଜେଡି ସଭାପତି ବୈକୁଣ୍ଠ ନାଏକ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ଶିବାଜୀ ନାଏକ ପ୍ରମୁଖ ବିଜେଡି କର୍ମକର୍ତ୍ତା ଓ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେହିପରି ବଡଗାଁ ବ୍ଲକ ବିଜେଡି ପକ୍ଷରୁ କଣ୍ଟିଆମୁରା ଗ୍ରାମସ୍ଥିତ ଆସ୍ଥା ପେଟ୍ରୋଲ ପମ୍ପଠାରେ ଅଢ଼େଇ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ବିଜେଡି ସଭାପତି ତୁଳରାମ ହୋତା, ପୂର୍ବତନ ବ୍ଲକ ସଭାପତି ଧରଣୀଧର ସା, ଦେବାଶିଷ ମିଶ୍ର, ରାଜୁ ଦାସ, ଆଲୋକ ପଟ୍ଟନାୟକ, ଧନୁର୍ଜ ମହାନନ୍ଦିଆ, ସୁରେନ୍ଦ୍ର ମିଞ୍ଜ, ଜୟାନନ୍ଦ ମଙ୍ଗଲ, ନେତ୍ରାନନ୍ଦ ପୃଷେଟ, କ୍ୱାଉଲ ହକ୍, ନୀଳମଣୀ ନାଏକ, ଉତ୍କଳ ମହାପାତ୍ର, ସୁଦିପ ସା ପ୍ରମୁଖ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ସୁନ୍ଦରଗଡ଼ ଟିଡିସିସି ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ: ରାସ୍ତାରୋକୋ

ଲହୁଣୀପଡା, ୯।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ରବିବାର ଅପରାହ୍ନ ୪ଟା ବେଳେ ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ରାସ୍ତାରୋକୋ ହୋଇଥିଲା। ଫେରାର୍ ଗାଡ଼ିକୁ ଜବତ କରିବାକୁ ପ୍ରତିଶ୍ରୁତି ପାଇଲା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଓଡି ୧୪ ଏ ୭୯୦୦ ବାଇକ୍ ଯୋଗେ ରାଜାମୁଣ୍ଡାର ଜଣେ ଯୁବକ ସହିତ ଗମଲେଇ ଗ୍ରାମର ନଳିନି ନାୟକ (୨୫) ନିଜ ଗ୍ରାମକୁ ଯାଉଥିଲେ। ତାରିଣୀ ମନ୍ଦିର ନିକଟରେ ଏକ ଗାଡି ଧକ୍କା ଦେଇ ପଳାଇଥିଲା। ନଳିନି ପିଚୁ ରାସ୍ତା ଉପରେ ଛିଟିକି ପଡିଥିଲେ। ତାଙ୍କ ଉପରେ ଗାଡ଼ି ଚଢିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ରାସ୍ତା ମରାମତି କଲେ ଯୁବକ ସଂଘ ସଦସ୍ୟ

ବଡଗାଁ, ୯।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ଛାମୁଣ୍ଡା ଗ୍ରାମରୁ ଗଲପଡା ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ଓ କାଦୁଅ ଯୋଗୁ ଲୋକେ ଯାତାୟତ କରିବାରେ ଘୋର ହଇରାଣ ହେଉଥିଲେ। ଏନେଇ ପଞ୍ଚାୟତ ଗ୍ରାମସଭାରେ ବାରମ୍ବାର ଜଣାଇ ନିରାଶ ହେବାରୁ ରବିବାର ସକାଳେ ଗଲପଡା ଯୁବକ ସଂଘର ସଭାପତି ପ୍ରଫୁଲ୍ଲ କମାର, ସମ୍ପାଦକ ପବିତ୍ର କିଷାନ, ଶ୍ରୀବତ୍ସ କିଷାନ, ଚନ୍ଦ୍ର କିଷାନ, ରଘୁ କିଷାନ, ବୈଷ୍ଣବ କିଷାନ, ମାନସ ରକ୍ସାଙ୍କ ସହିତ ୧୨ ଜଣ ବ୍ଲକ ସଦସ୍ୟ ମୋରମ ଖୋଳି ଟ୍ରାକ୍ଟରରେ ଆଣି ରାସ୍ତା ମରାମତି କରିଛନ୍ତି ।


ଯୁବକ ସଂଘର ସଦସ୍ୟମାନେ ରାସ୍ତା ମରାମତି କରୁଛନ୍ତି।

## ଆଜି ଭାରତ ବନ୍ଦ : କଂଗ୍ରେସ, ବାମଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ରାଉରକେଲା ଅଫିସ,୯।୯

ସୋମବାର ଭାରତ ବନ୍ଦ ପାଇଁ ଜିଲା କଂଗ୍ରେସ ଓ ବାମ ଦଳ ସିପିଆଇ(ଏମ୍) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏହି ବନ୍ଦ ଡାକରା ଦିଆଯାଇଛି। ସହରରେ ମାଇକ୍ ଯୋଗେ ବ୍ୟାପକ ପ୍ରଚାର ସାଙ୍ଗକୁ ସାଧାରଣ ଲୋକେ ଏଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ସମାନ ଢଙ୍ଗରେ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ବନ୍ଦ ପାଳନ ନେଇ ପ୍ରସ୍ତୁତି ଶେଷ ହୋଇଛି। ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଶୁଳ୍କ ଲଗାଇ କେନ୍ଦ୍ର କ୍ଷମତାସୀନ ମୋଦି ସରକାର ୧୧ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛି। ଆସନ୍ତା ନିର୍ବାଚନରେ ଏହି ଅର୍ଥର ଅପବ୍ୟବହାର ସମ୍ଭାବନା ସୃଷ୍ଟି ହୋଇଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। ଏପରି ଅବସ୍ଥାରେ କଂଗ୍ରେସ ଓ ବାମଦଳଙ୍କ ବନ୍ଦ ଡାକରାର ଗୁରୁତ୍ୱ ରହିଥିବା ଆଲୋଚନା ହେଉଛି। ବନ୍ଦ ପାଳନ ନେଇ ପାର୍ଟି କର୍ମକର୍ତ୍ତାଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ସହରର ବଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପିକେଟିଂ କରାଯାଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପାର୍ଟି କାର୍ଯ୍ୟାରମ୍ଭ କରିଛି। ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଏକ ବୈଠକ ଡକାଯାଇ ଏହି ବନ୍ଦ ପାଳନକୁ କିପରି ସଫଳ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସକାଳୁ ଦଳୀୟ ନେତା ଓ କର୍ମୀ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବାବଦରେ ଲୋକଙ୍କୁ ବୁଝାଇ ଏହି ବନ୍ଦ ପାଳନରେ ସହଯୋଗ କରିବାକୁ ଆହ୍ୱାନ ଦିଆଯିବ ବୋଲି ଜିଲା କଂଗ୍ରେସ ସଭାପତି ରବି ରାୟ ଏକ ବିବୃତିରେ ପ୍ରକାଶ କରିଛନ୍ତି।

### ଅବକାରୀ ବିଭାଗ ଚଢ଼ାଉ

## ବାଇକ୍ ଜବତ, ୫ ଗିରଫ

ରାଉରକେଲା ଅଫିସ, ୯।୯

ଜିଲା ଅବକାରୀ ବିଭାଗ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪୫ଲିଟର ଚୋରା ଦେଶୀମଦ ଓ ଗୋଟିଏ ବାଇକ୍ ଜବତ କରିଛି। ଏହି ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ଏମାନେ ହେଲେ ଖଇରବନ୍ଧ ଅଞ୍ଚଳର ଭୀମ କୁମ୍ଭାର, ସେକ୍ଟର–୧୪ର ମଙ୍ଗଲ ଭୂମିଜ, ସମ୍ବାରୁ ଭୂମିଜ, ଡୁମକେଲା ଅଞ୍ଚଳର ପିଙ୍କି ଭୂମିଜ ଓ ସେକ୍ଟର–୧୮ ଅଞ୍ଚଳର ସନ୍ଦୀପ ଟପ୍ପୋ। ଭୀମଙ୍କଠାରୁ ୬୧ଲିଟର ମଦ ଓ ଓଡି୧୪–ବି୯୩୮ନଂ ବାଇକ୍, ମଙ୍ଗଲଙ୍କଠାରୁ ୩୭ଲିଟର ମଦ, ସମ୍ବାରୁଙ୍କଠାରୁ ୧୨ ଲିଟର ମଦ, ପିଙ୍କିଙ୍କଠାରୁ ୬ଲିଟର ମଦ ଓ ସନ୍ଦୀପଙ୍କଠାରୁ ୧୦ଲିଟର ମଦ ଜବତ କରାଯାଇଛି। ଅନ୍ୟ ଏକ ସ୍ଥାନରୁ ୨୫ ଲିଟର ମଦ ଜବତ କରାଯାଇଥିଲେ ହେଁ କାହାକୁ ଗିରଫ କରାଯାଇ ନାହିଁ। ଏହି ଚଢ଼ାଉରେ ଜିଲା ଅବକାରୀ ଇନ୍ସପେକ୍ଟର ଏସ୍.କେ. ଧଳସାମନ୍ତ ଓ ଏମ୍.କେ. ସେଠୀଙ୍କ ସମେତ ଏସ୍‌ଆଇ ଏସ୍.କେ. ରାଉତ, ପି.ପି. ଚୌଧୁରୀ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।


ଜିଲା ଅବକାରୀ ବିଭାଗ ଦ୍ୱାରା ଗିରଫ ୪ ବ୍ୟକ୍ତି ଓ ଜବତ ବାଇକ୍।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର

ସୁନ୍ଦରଗଡ଼,୯।୯ (ଡି.ଏନ୍.ଏ.)

ସ୍ଥାନୀୟ ରାଣୀ ବଗିଚାସ୍ଥିତ ସମଲେଶ୍ୱରୀ ହସ୍‌ପିଟାଲଠାରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୭ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ରୋଗୀଙ୍କର ମାଗଣାରେ ରକ୍ତ ଓ ଇସିଜି ପରୀକ୍ଷା ମଧ୍ୟ କରାଯାଇଥିଲା। ସମଲେଶ୍ୱରୀ ହସ୍‌ପିଟାଲର ପ୍ରଦୀପ ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. କରୁଣାକର ପଟେଲ, ମେଡିସିନ୍ ବିଶେଷଜ୍ଞ ଡା. ଅଜୟ ପଣ୍ଡା, ଡା. ସଞ୍ଜୟ କୁମାର ଦାଶ, ସର୍ଜରୀ ବିଶେଷଜ୍ଞ ଡା. ସୁବୋଧ କୁମାର ଦାଶ, ଶିଶୁ ରୋଗ ବିଶେଷଜ୍ଞ ଡା. ମନୋଜ କୁମାର ପାଣିଗ୍ରାହୀ, ଡା. ମନୋଜ କୁମାର ଆଚାର୍ଯ୍ୟ, ଡା. ସୋମ୍ ଶୁଭଙ୍କର ଉପସ୍ଥିତ ରହି ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।


ସ୍ୱାସ୍ଥ୍ୟସେବା ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଉଛି।


ମ୍ୟାଚ୍ ଅବସରରେ ଖେଳାଳି ଓ ରେଫରି।

## ବାଲିଯୋରୀ, ପଣ୍ଡରୀପଥର ବିଜୟୀ

ଝାରସୁଗୁଡ଼ା ଅଫିସ,୯।୯

**ଜିଲା ଫୁଟବଲ ଲିଗ୍**

ଝାରସୁଗୁଡ଼ା ଏଏମ୍‌ପିସ୍ଥିତ ଓଏସ୍‌ଏପି ପଡ଼ିଆରେ ଚାଲିଥିବା ଜିଲା ଫୁଟବଲ ଲିଗ୍‌ରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ ଏକାତାଲି ଓ ବାଲିଯୋରୀ ମଧରେ ଅନୁଷ୍ଠିତ ହୋଇଥିଲା। ବାଲିଯୋରୀ ୬–୧ ଗୋଲରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ତୁଳସୀ କ୍ଲବ୍ ସରବେର୍ଣ୍ଣା ଏବଂ ସମଲେଶ୍ୱରୀ କ୍ଲବ୍ ପଣ୍ଡରୀପଥର ମଧରେ ହୋଇଥିଲା। ପଣ୍ଡରିପଥର ୪–୩ ଗୋଲରେ ବିଜୟୀ ହୋଇଛି। ସୁଜିତ କୁଜୁର, ଅଜିତ କୁଜୁର, ସଞ୍ଜୀବ ଦାସ, ସଞ୍ଜୟ ରାୟ, ମାନସ ଆଚାର୍ଯ୍ୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

